

ଗୋପାଳପୁର ବେଳାଭୂମି ମହୋତ୍ସବ ଉଦ୍‌ଘାଟନୀ ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସୋନୁ ନିଗମଙ୍କ ସଙ୍ଗୀତ ପରିବେଷଣା।

## ସଂକ୍ଷେପରେ

### ବିଷକ୍ରିୟାରେ ୨ ମୃତ

**ବ୍ରହ୍ମପୁର ଅଫିସ,୨୪।୧୨:** ପୃଥକ୍ ବିଷକ୍ରିୟାରେ ଗୁରୁତର ଥିବା ଜଣେ ଯୁବକଙ୍କ ସମେତ ୨ ଜଣଙ୍କର ଏମ୍‌କେସିଜି ମେଡିକାଲରେ ମୃତ୍ୟୁ ଘଟିଛି। ସେମାନେ ହେଲେ ପ୍ରଭାକର ମହାନ୍ତି (୬୫) ଓ ମିଥୁନ ସ୍ୱାଇଁ (୨୨)। ମେଡିକାଲ ଫାଣ୍ଡି ପୋଲିସ ମଙ୍ଗଳବାର ଉଭୟଙ୍କ ମୃତଦେହ ଜବତ କରି ପୃଥକ୍ ଭାବେ ୨ଟି ଅପମୃତ୍ୟୁ ମାମଲା ରୁଜୁ କରିଛି।

ଘଟଣାରୁ ପ୍ରକାଶ, ଆସିକା ଥାନା ମୁକୁନ୍ଦପୁର ଗ୍ରାମର ପ୍ରଭାକର ପାରିବାରିକ ଅଶାନ୍ତିକୁ କେନ୍ଦ୍ରକରି ସୋମବାର ଅପରାହ୍ନରେ ବିଷପାନ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଏମ୍‌କେସିଜିରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ସେହିପରି ଦିଗପହଣ୍ଡି ଥାନା ଅନ୍ତର୍ଗତ ବଡ଼ପଲି ଗ୍ରାମର ମିଥୁନ ମଧ ଘରୋଇ କଳିରୁ ମଙ୍ଗଳବାର ସକାଳେ ବିଷପାନ କରି ଗୁରୁତର ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କର ମୃତ ଘୋଷଣା କରିଥିଲେ।

### ସାଇକେଲରୁ ପଡ଼ି ଆହତ ଛାତ୍ରଙ୍କ ମୃତ୍ୟୁ

**ବ୍ରହ୍ମପୁର ଅଫିସ,୨୪।୧୨:** ସାଇକେଲରୁ ପଡି ଗୁରୁତର ହୋଇଥିବା ଜଣେ ଛାତ୍ରଙ୍କର ଏମ୍‌କେସିଜି ମେଡିକାଲରେ ସୋମବାର ରାତିରେ ମୃତ୍ୟୁ ଘଟିଛି। ମୃତକ ଡାନିଏଲ ମାଝି (୧୩)। ତାଙ୍କ ଘର ଗଜପତି ଜିଲା ଅଡ଼ବା ଥାନା ଅନ୍ତର୍ଗତ ଲେଖରୀ ଗାଁ ବୋଲି ମେଡିକାଲ ଫାଣ୍ଡି ପୋଲିସ କହିଛି। ମଙ୍ଗଳବାର ପୋଲିସ ଛାତ୍ରଙ୍କ ମୃତଦେହ ଜବତ କରି ନଂ.୬୬୮/୧୯ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ଡାନିଏଲ ସୋମବାର ମଧ୍ୟାହ୍ନରେ ସାଇକେଲରେ ଯାଉଥିବା ବେଳେ ଅସାବଧାନତା ଯୋଗୁ ଖସି ପଡିଥିଲେ। ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା। ଆହତ ଡାନିଏଲଙ୍କ ପରିବାର ଲୋକେ ପ୍ରଥମେ ଅଡବା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେ ଗୁରୁତର ହେବାରୁ ସେଠାରୁ ମୋହନା ଓ ପରେ ଏମ୍‌କେସିଜି ମେଡିକାଲରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ସୋମବାର ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

ଆଜି କ'ଣ କେଉଁଠି ସ୍ତମ୍ଭରେ କୌଣସି କାର୍ଯ୍ୟକ୍ରମ ସ୍ଥାନିତ କରିବାକୁ ଚାହୁଁଥିଲେ ସମ୍ପୂର୍ଣ୍ଣ ବିବରଣୀ ସହ ନିକଟସ୍ଥ ଧରିତ୍ରୀ ପ୍ରତିନିଧି କିମ୍ବା କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ।

ବଳାତ୍କାର ମାମଲା

# ଅଭିଯୁକ୍ତଙ୍କୁ ୫ ବର୍ଷ ଜେଲ

**ବ୍ରହ୍ମପୁର ଅଫିସ,୨୪।୧୨**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ପୋକ୍‌ସୋ ଜଜ ତଥା ଅତିରିକ୍ତ ଦୌରା ଜଜ (ଏଡିଜେ)-୨ ଜଗଦୀଶ ପ୍ରସାଦ ମହାନ୍ତି ମଙ୍ଗଳବାର ଏକ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିବାରୁ ଅଭିଯୁକ୍ତ ବିଭୀଷଣ ଦାସଙ୍କୁ ୫ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେହିପରି ୭ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୬ ମାସ ଜେଲ ଦଣ୍ଡରେ ଦଣ୍ଡିତ ହେବେ ବୋଲି ମଧ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ପୀଡିତାଙ୍କୁ ୨ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ କରିଛନ୍ତି। ଜଣେ ନାବାଳିକାଙ୍କୁ ବିଭୀଷଣ ୨୦୧୪ରେ ବଳାତ୍କାର କରିଥିବା ନେଇ ପୀଡ଼ିତାଙ୍କ ପରିବାର ଲୋକେ ସଦର ଥାନାରେ ଅଭିଯୋଗ କରିଥିଲେ। ପରେ ପୋଲିସ ବିଭୀଷଣଙ୍କୁ ମାମଲା ନମ୍ବର ୨୧୬/୧୪ରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ସଦର ଥାନା ଅଧିକାରୀ ଆଦିତ୍ୟ କୁମାର ସେଠୀ କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ମଙ୍ଗଳବାର ମାମଲାର ବିଚାର ବେଳେ ଅଭିଯୁକ୍ତ ବିଭୀଷଣଙ୍କୁ ପୋଲିସ କୋର୍ଟରେ ହାଜର କରିଥିଲା। ୧୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ପୋକ୍‌ସୋ ଜଜ ଅଭିଯୁକ୍ତଙ୍କୁ ଜେଲ ଦଣ୍ଡର ରାୟ ଦେଇଛନ୍ତି। ପରେ ଅଭିଯୁକ୍ତ ବିଭୀଷଣଙ୍କୁ ପୁଣି ଥରେ ବିଚାର ବିଭାଗ ହାଜତକୁ ପଠାଇ ଦିଆଯାଇଛି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପୋକ୍‌ସୋ ପିପି ନାରାୟଣ ପଣ୍ଡା ମକଦ୍ଦମା ପରିଚାଳନା କରିଥିଲେ।

# ନିର୍ଭୟା କଢ଼ି, ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ

**ବୁଗୁଡ଼ା,୨୪।୧୨(ଡି.ଏନ୍.ଏ.)**

ବୁଗୁଡ଼ା ବ୍ଲକ ତାକରଡ଼ା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଓ ଗୋଲିଆ ଉଚ୍ଚ ବିଦ୍ୟାଳୟରେ ପୃଥକ ଭାବେ ମଙ୍ଗଳବାର ନିର୍ଭୟା କଢ଼ି ଓ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ତାକରଡ଼ା ଉଚ୍ଚ ବିଦ୍ୟାଳୟରେ ପ୍ରଧାନ ଶିକ୍ଷକ ଦେବହରି ଚୌଧୁରୀ, ରବୀନ୍ଦ୍ର ନାଥ ସେନାପତି, ରାଜେନ୍ଦ୍ର ଜେନା, ଅନନ୍ତ ସାହୁ, ବିକ୍ରମ ବେହେରା, ସୁଚରିତା ନାୟକ, ସସ୍ମିତା ସାହୁ, ଅଙ୍ଗନୱାଡ଼ି କର୍ମୀ ମଳୟ ମଞ୍ଜରୀ ମିଶ୍ର ଥିବାବେଳେ ଗୋଲିଆ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଞ୍ଚଳ ପରିଦର୍ଶିକା ତ୍ରିପୁର ମୋହିନୀ ଦାଶ, ଅଙ୍ଗନୱାଡ଼ି କର୍ମୀ ଗୋଲାପ ପ୍ରଧାନ, ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୈଳାସ ଚନ୍ଦ୍ର ମହାରଣା, ପ୍ରସନ୍ନ ମହାପାତ୍ର ଏବଂ ସମସ୍ତ ଅଙ୍ଗନୱାଡ଼ି କର୍ମୀ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଛାତ୍ରୀ, ଶିକ୍ଷକ, ଅଙ୍ଗନୱାଡ଼ି କର୍ମୀ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି କନ୍ୟା ସନ୍ତାନର ସୁରକ୍ଷା ଓ ସେମାନଙ୍କ ଲାଳନ ପାଳନ ସମ୍ପର୍କରେ ସଚେତନ କରିବା ସହ ନିର୍ଭୟାକଢ଼ି ଓ ମୋ ଗେହ୍ଲା ଝିଅ କାର୍ଯ୍ୟକ୍ରମ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ।



ଶୋଭାଯାତ୍ରାରେ ଛାତ୍ରୀ, ଶିକ୍ଷକ ଓ କର୍ମୀ।

# ଛାତ୍ରୀଛାତ୍ରଙ୍କ କନ୍ୟାରତ୍ନ ସଚେତନତା ଶୋଭାଯାତ୍ରା

**ବ୍ରହ୍ମପୁର ଅଫିସ,୨୪।୧୨**

ବ୍ରହ୍ମପୁର କୋର୍ଟପେଟା ଶହୀଦ ଲକ୍ଷ୍ମଣ ନାୟକ ହାଇସ୍କୁଲରେ ମଙ୍ଗଳବାର ନିର୍ଭୟକଢ଼ି ଓ ମୋ ଗେହ୍ଲା ଝିଅ ଦିବସ ପାଳିତ ହୋଇଥିଲା। ଏହି ଅବସରରେ ଝିଅ ଜନ୍ମ, କନ୍ୟାରତ୍ନ ସଚେତନତା ଶୋଭାଯାତ୍ରା ଛାତ୍ରୀଛାତ୍ରଙ୍କ ପକ୍ଷରୁ କରାଯାଇଥିଲା। ଏହାକୁ ପ୍ରଧାନ ଶିକ୍ଷୟିତ୍ରୀ କେ.ସୁଜାତା କୁମାରୀ ସୁବୁଦ୍ଧି ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ରାଲି ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ଆୟୋଜିତ ବିଦ୍ୟାର୍ଥୀଙ୍କ ସମାବେଶରେ କନ୍ୟାରତ୍ନର ଗୁରୁତ୍ୱ ନେଇ ପ୍ରଧାନ ଶିକ୍ଷୟିତ୍ରୀ ସୂଚାଇଥିଲେ। ଝିଅ ଜନ୍ମକୁ ଅଣଦେଖା କରା ନ ଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଗଞ୍ଜାମ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କ ନିର୍ଦ୍ଦେଶ ଏବଂ ଜିଲା ଶିକ୍ଷାଧିକାରୀ ଡ଼. ସନାତନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା କାର୍ଯ୍ୟକ୍ରମରେ ପ୍ରମୋଦ କୁମାର ପଣ୍ଡା, ରାମନାଥ ପାଢ଼ୀ, ସୂର୍ଯ୍ୟ ନାରାୟଣ ଶତପଥୀ, ମାଳବିକା ପାଢ଼ୀ, ସବିତା ଚୌଧୁରୀ, ଇନ୍ଦ୍ରମଣି ଦେବୀ, ମମତା ପାତ୍ର, ଗୀତାରାଣୀ ଦାସ, ଏମ୍. ସୀମାଞ୍ଚଳମ୍, ଦିଲୀପ କୁମାର ଦାସ ପ୍ରମୁଖ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ।

### ମନ୍ଦିର ବେଢ଼ାରେ ପୂଜକଙ୍କ ଆତ୍ମହତ୍ୟା

**ଖଲ୍ଲିକୋଟ,୨୪।୧୨(ଡି.ଏନ.ଏ.)**

ଖଲ୍ଲିକୋଟ ବ୍ଲକ ତୁଳସୀପୁର ପଞ୍ଚାୟତ ତୁଳସୀପୁର ଗ୍ରାମରେ ଥିବା ଲକ୍ଷ୍ମୀ ନାରାୟଣ ମନ୍ଦିର ବେଢ଼ାରେ ମଙ୍ଗଳବାର ମଧ୍ୟାହ୍ନରେ ପୂଜକ ନିରଞ୍ଜନ ପଣ୍ଡା (୫୦) କୌଣସି କାରଣରୁ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଖଲ୍ଲିକୋଟ ଥାନା ଏସ୍‌ଆଇ ଟୁନା ପିଡ଼ିକା ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛନ୍ତି। ୟୁଡି କେସ୍ ନଂ. ୧୭/୧୯ରେ ମକଦ୍ଦମା ରୁଜୁ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଯାଇଛି । ମୃତ୍ୟୁର କାରଣ ନେଇ ଅନୁସନ୍ଧାନ ଜାରି ରହିଛି ।

### ଅଙ୍ଗନୱାଡ଼ି ସହାୟିକା ନିଖୋଜ

**ଗଞ୍ଜାମ,୨୪।୧୨(ଡି.ଏନ୍.ଏ.)**

ଗଞ୍ଜାମ ବ୍ଲକ ଅଞ୍ଚଳର ଜଣେ ଅଙ୍ଗନୱାଡ଼ି ସହାୟିକା ଗତ ୧୩ ତାରିଖରୁ ନିଖୋଜ ଥିବା ଜଣାପଡ଼ିଛି। ସେ ଭୁବନେଶ୍ୱରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବିକ୍ଷୋଭ ପାଇଁ ଯାଇଥିଲେ । ସେବେଠାରୁ ଘରକୁ ଫେରି ନାହାନ୍ତି। ରାଲିରେ ଅନୁପସ୍ଥିତ ଥିବା ଅନ୍ୟ ଅଙ୍ଗନୱାଡ଼ି କର୍ମୀ ତାଙ୍କ ମୋବାଇଲ ଫୋନ୍‌କୁ କଲ୍ କରିଥିଲେ। ମାତ୍ର ତାହା ବନ୍ଦ ଥିବାରୁ ପରିବାରକୁ ଏନେଇ ଜଣାଇଥିଲେ। ଅନ୍ୟପଟେ ତାଙ୍କ ଦିଅର ଭୁବନେଶ୍ୱର ଜିଆର୍‌ପି ଥାନାରେ ଏତଲା ଦେଇଥିବା କହିଛନ୍ତି।

### କ୍ୟାରିୟର କାଉନ୍‌ସେଲିଂ କର୍ମଶାଳା

**ଆସିକା,୨୪।୧୨(ଡି.ଏନ୍.ଏ.)**

ଆସିକା ନିରଞ୍ଜନ ମହିଳା ମହାବିଦ୍ୟାଳୟରେ ମଙ୍ଗଳବାର କ୍ୟାରିୟର କାଉନ୍‌ସେଲିଂ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଗଣେଶ୍ୱର ମାଝିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଆସ୍ଥା ସ୍କୁଲ ଅଫ ମ୍ୟାନେଜମେଣ୍ଟର ସହକାରୀ ଡିନ ଡ. ରଞ୍ଜିତ କୁମାର ପାଢୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଫଳତାର ସରଳ ସୂତ୍ର ଉପରେ ଆଲୋଚନା କରିଥିଲେ। ଛାତ୍ରୀମାନେ କିଭଳି ଭବିଷ୍ୟତ କାର୍ଯ୍ୟପନ୍ଥା ଲାଗି ନିଜକୁ ପ୍ରସ୍ତୁତ କରିପାରିବେ ସେ ସମ୍ପର୍କରେ ଆଲୋଚନା କରିଥିଲେ। ଅଧ୍ୟାପକ ଡ. ଓମ୍ ନାରାୟଣ ରାଓ, ଡ. ସରୋଜ କୁମାର ଜେନା ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ଡ. ଲକ୍ଷ୍ମଣ କୁମାର ସୋରେନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।

# ଛାତ୍ରୀଙ୍କୁ ବଳାତ୍କାର ମାମଲା: ଅଭିଯୁକ୍ତ ନିର୍ଦ୍ଦୋଷ

**ବ୍ରହ୍ମପୁର ଅଫିସ,୨୪।୧୨**

ଗଞ୍ଜାମ ଜିଲା ସ୍ୱତନ୍ତ୍ର ପୋକ୍‌ସୋ ଜଜ ତଥା ଅତିରିକ୍ତ ଦୌରା ଜଜ (ଏଡିଜେ)-୨ ଜଗଦୀଶ ପ୍ରସାଦ ମହାନ୍ତି ଏକ ବଳାତ୍କାର ମାମଲାର ଶୁଣାଣି କରଥିଲେ। ଅଭିଯୁକ୍ତ ରଞ୍ଜନ ନାୟକଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ପ୍ରକାଶଯେ, ୨୦୧୬ ନଭେମ୍ବର ୧୪ରେ ରଞ୍ଜନ ଜଣେ ଛାତ୍ରୀଙ୍କୁ ଅପହରଣକରି ନେଇଥିଲେ। ଏନେଇ ଛାତ୍ରୀଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ଦିଗପହଣ୍ଡି ପୋଲିସ ନଂ.୧୬୩/୧୬ରେ ମାମଲା ରୁଜୁକରି ଅପହାର୍ତ୍ତାଙ୍କ ମୋବାଇଲ ଫୋନ ଟ୍ରାକିଂ କରିଥିଲେ। ଘଟଣାର କିଛିଦିନ ପରେ ପୋଲିସ ଅପହୃତା ଛାତ୍ରୀଙ୍କୁ ଆର.ଉଦୟଗିରି ଅଞ୍ଚଳରୁ ଉଦ୍ଧାର କରିବା ସହ ଅପହର୍ତ୍ତା ରଞ୍ଜନଙ୍କୁ କାବୁ କରିଥିଲା। ଛାତ୍ରୀଙ୍କୁ ବଳାତ୍କାର କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ପରେ ଉଭୟଙ୍କ ଡାକ୍ତରୀ ମାଇନା କରାଯାଇଥିଲା। ଧାରା ୧୬୪ ରେ କୋର୍ଟରେ ପୀଡିତାଙ୍କ ବୟାନ ରେକର୍ଡ କରାଯାଇଥିଲା। ପୋଲିସ ଅଭିଯୁକ୍ତଙ୍କୁ ବଳାତ୍କାର ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଥାନାଧିକାରୀ ଦେବାଶିଷ ମହାନ୍ତି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତ ଜଣକ ହାଇକୋର୍ଟରୁ ଜାମିନ ପାଇଥିଲେ। ଏହି ମାମଲାର ବିଚାର ବେଳେ ୫ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଅଭିଯୁକ୍ତ ରଞ୍ଜନଙ୍କୁ ବିଚାରପତି ଉପରୋକ୍ତ ରାୟ ଶୁଣାଇଛନ୍ତି। ମୁଦାଲାଙ୍କ ପକ୍ଷରୁ ଆଇନଜୀବୀ ଉମାକାନ୍ତ ମହାପାତ୍ର ମକଦ୍ଦମା ପରିଚାଳନା କରିଥିଲେ।

ଦିଗପହଣ୍ଡିରେ ଆନ୍ତଃଜିଲା ଭଲିବଲ ଟୁର୍ନାମେଣ୍ଟ

# ବ୍ରହ୍ମପୁର ପାୱାର ସିକ୍ସ ବିଜୟୀ

**ଦିଗପହଣ୍ଡି,୨୪।୧୨(ଡି.ଏନ.ଏ.)**

ସ୍ଥାନୀୟ ଖେମୁଣ୍ଡି ଭଲିବଲ କ୍ଲବ ପକ୍ଷରୁ ଦିଗପହଣ୍ଡି ବଡ଼ଖେମୁଣ୍ଡି ହାଇସ୍କୁଲ ଖେଳପଡିଆରେ ଚାଲିଥିବା ବସନ୍ତ ସ୍ମାରକୀ ଆନ୍ତଃ ଜିଲା ଭଲିବଲ ଟୁର୍ନାମେଣ୍ଟର ମଙ୍ଗଳବାର ୩ୟ ଦିବସ ମ୍ୟାଚରେ ଖେମୁଣ୍ଡି ଓକିଲ ସଂଘ ସମ୍ପାଦକ ହରପ୍ରସାଦ ରଥ ଅତିଥି ଭାବେ ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ବ୍ରହ୍ମପୁରର ପାୱାର ସିକ୍ସ ଭଲିବଲ ଟିମ୍ ପ୍ରତିପକ୍ଷ ଗୋଳାବନ୍ଧ ଟିମ୍‌କୁ ୨-୧ ସେଟରେ ପରାଜିତ କରି ପରବର୍ତ୍ତୀ ମ୍ୟାଚକୁ ଉନ୍ନୀତ ହୋଇଛନ୍ତି। କ୍ରୀଡା ଶିକ୍ଷକ ଏ.ଜଗନ୍ନାଥ ପ୍ରସାଦ ଏବଂ ଏମ୍. ଗୌରାଙ୍ଗ ରେଫେରୀ ଭାବେ ମ୍ୟାଚ ପରିଚାଳନା କରିଥିଲେ। ଟୁର୍ନାମେଣ୍ଟ ପରିଚାଳନା କମିଟି କାର୍ଯ୍ୟକର୍ତ୍ତା ଅର୍ଦ୍ଧୁ ଗୋବିନ୍ଦ, ଶିବଶଙ୍କର ମହାକୁଡ, ପ୍ରଭାକର ରେଡ୍ଡୀ, ବିକାଶ ପଶୁପାଳକ, ବାରିକ ବେହେରା, ଯୋଗେନ୍ଦ୍ର ବେହେରା, ସନ୍ତୋଷ ସାହୁ, ପ୍ରଶାନ୍ତ ଗୌଡ଼, ବିଜୟ ସ୍ୱାଇଁ, ଶିବାଶିଷ ବିଷୋୟୀ, ଶିବ ବେହେରା, ଶିବରୁଦ୍ର ନାୟକ, ଆର.ମୁନା ଓ ପଞ୍ଚୁ ସ୍ୱାଇଁ ପ୍ରମୁଖ ବହୁ କ୍ରୀଡାବିତ୍ ମ୍ୟାଚ ପରିଚାଳନାରେ ସହଯୋଗ କରିଥିଲେ।

ପୋଲିସ, ଅବକାରୀ ବିଭାଗ ଚଢାଉ

# ୩୭ଏକର ଗଞ୍ଜେଇ ଗଛ ନଷ୍ଟ କଲା ପ୍ରଶାସନ

**ଆର.ଉଦୟଗିରି, ୨୪।୧୨(ଡି.ଏନ.ଏ.)**

ଆର.ଉଦୟଗିରି ଥାନା ଶବରପଲ୍ଲୀ ପଞ୍ଚାୟତ ଫଟାଚାଞ୍ଚଡା, ଟିକାମାଳ ଓ କେନ୍ଦୁସାହି ଗ୍ରାମ ନିକଟ ପାହାଡ ଉପରେ ହୋଇଥିବା ଗଞ୍ଜେଇ ଚାଷକୁ ପୋଲିସ ଓ ଅବକାରୀ ବିଭାଗ ମିଳିତ ଚଢାଇ କରି ନଷ୍ଟ କରିଛି। ପୋଲିସ ଓ ଅବକାରୀ ବିଭାଗ ସୂତ୍ରରୁ ମିଳିଥିବା ସୂଚନା ପ୍ରକାରେ ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ ହୋଇଥିବା ନେଇ ଖବର ମିଳିଥିଲା। ଜିଲାପାଳ ଅନୁପମ ସାହା, ଏସ୍‌ପି ସାରା ଶର୍ମା ଏବଂ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ ପ୍ରଦୀପ କୁମାର ପାଣିଗ୍ରାହୀଙ୍କ ନିର୍ଦ୍ଦେଶକ୍ରମେ ସୋମବାର ଚଢାଉ କରାଯାଇଥିଲା। ପାହାଡ ଉପରେ ଥିବା ପ୍ରାୟ ୩୭ ଏକର ଜମିରେ ଲଗାଯାଇଥିବା ୧ ଲକ୍ଷ ୭୪ ହଜାର ଗଞ୍ଜେଇ ଗଛ କାଟି ପୋଡି ଦିଆଯାଇଥିଲା। ଚଢାଉରେ ଆର.ଉଦୟଗିରି ତହସିଲଦାର ସ୍ମୃତିରଞ୍ଜନ ଶତପଥୀ ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ବେଳେ ଆର.ଉଦୟଗିରି ଅବକାରୀ, ପୋଲିସ୍, ରାଜସ୍ୱ ଏବଂ ବନ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଜି.ଉଦୟଗିରିରେ ପ୍ରବଳ ଶୀତ ମଜା ନେଉଛନ୍ତି ଲୋକେ

**ଜି.ଉଦୟଗିରି,୨୪।୧୨(ଡି.ଏନ.ଏ.):** ଜି.ଉଦୟଗିରି ସହର ତଥା ଆଖପାଖ ଅଞ୍ଚଳରେ ୩ ଦିନ ହେବ ପ୍ରବଳ ଶୀତ ଅନୁଭୂତ ହେଉଛି। ଦିନ ବେଳେ ମଧ ପାଗ କୋହଲିଆ ଯୋଗୁ ଶୀତ ଜଣାପଡୁଛି। ସନ୍ଧ୍ୟା ହେବା କ୍ଷଣି ଶୀତର ମାତ୍ରା ବଢ଼ି ଚାଲୁଛି। ବଡ଼ଦିନ ପାଇଁ ସହର ତଥା ଗାଁଗୁଡିକରେ ପ୍ରବଳ ଜନଗହଳି ଲାଗି ରହିଛି। ସିରିକି ଡ୍ୟାମ୍, ସିରିକି କଫି ବଗିଚା, କଳିଙ୍ଗା ବନ ଉଦ୍ୟାନ ଓ କଳିଙ୍ଗା ଘାଟି ଅନ୍ଧାର କୁଟୀରେ ବଣଭୋଜି ପାଇଁ ଆସର ଜମୁଛି। ଜି.ଉଦୟଗିରିରେ ସୋମବାର ସର୍ବନିମ୍ନ ତାପମାତ୍ରା ୯.୫ ଡିଗ୍ରୀ ସେଲସିୟସ୍ ରହିଛି ବୋଲି ସ୍ଥାନୀୟ କୃଷି ଗବେଷଣା କେନ୍ଦ୍ର ବରିଷ୍ଠ ବୈଜ୍ଞାନିକ ଅକ୍ଷୟ ସେଠୀ କହିଛନ୍ତି।

### ଚକାପାଦ, ଶଙ୍କରାଖୋଲରେ ଧାନମଣ୍ଡି ଖୋଲିଲା

**ଶଙ୍କରାଖୋଲ,୨୪।୧୨(ଡି.ଏନ୍.ଏ.):** ଚକାପାଦ ବ୍ଲକ ଶଙ୍କରାଖୋଲ ଓ ଚକାପାଦ ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇଛି। ଶଙ୍କରାଖୋଲ ସମବାୟ ସମିତିର ସଭାପତି କାର୍ତ୍ତିକ କହଁର ଏହାକୁ ଉଦ୍‌ଘାଟନ କରିଥିଲେ। ଶଙ୍କରାଖୋଲ ସମିତିରେ ୧୯୧ଜଣ ଚାଷୀ ପଞ୍ଜିକୃତ ହୋଇଥିବାବେଳେ ଚକାପାଦରେ ୩୪୬ଜଣ ଚାଷୀ ପଞ୍ଜିକୃତ ହୋଇଛନ୍ତି। ଶଙ୍କରାଖୋଲ ସମିତିରେ ସୋମବାର ଓ ଚକାପାଦରେ ବୁଧବାର ଓ ଶୁକ୍ରବାର ଧାନକ୍ରୟ କରାଯାଉଛି। ଏହା ମାର୍ଚ୍ଚ ୨୦୨୦ ପର୍ଯ୍ୟନ୍ତ ଚାଲିବ। ଏଫ୍ଏକ୍ୟୁମାନର ଧାନ କ୍ୱିଣ୍ଟାଲ ପିଛା ୧୮୩୫ରେ କ୍ରୟ କରାଯାଉଛି। ଉଭୟ ମଣ୍ଡିକୁ ସମବାୟ ସମିତି ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ।

### ମହୁଲି ମଦ ଜବତ, ଜଣେ ଗିରଫ

**ପାରଳାଖେମୁଣ୍ଡି,୨୪।୧୨(ସ୍ୱ.ପ୍ର):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ଆଦର୍ଶ ଥାନା ପକ୍ଷରୁ ଚଢାଉ କରାଯାଇ ଚୋରା ମହୁଲି ମଦ ଜବତ କରାଯାଇଛି। ଏଥିରେ ସମ୍ପୃକ୍ତ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେ ହେଲେ ରାସୁରୁ ଗ୍ରାମର ବାବୁ ରାଓ (୪୫)। ପୋଲିସ ପେଟ୍ରୋଲିଂ କରୁଥିବା ସମୟରେ ପାରଳାଖେମୁଣ୍ଡି ଉପକଣ୍ଠସ୍ଥ ଜାଜପୁର ଗ୍ରାମ ନିକଟରେ ବାବୁ ବୁଲୁଥିବା ଦେଖି ସନ୍ଦେହରେ ଅଟକାଇ ପଚରାଉଚରା କରିଥିଲେ। ଏହି ସମୟରେ ତାଙ୍କ ନିକଟରୁ ୮ଲିଟର ମହୁଲି ମଦ ଜବତ କରାଯାଇଥିଲା। ଏନେଇ ପାରଳାଖେମୁଣ୍ଡି ଆଦର୍ଶ ଥାନାରେ ୨୬୧/୧୯ ନଂରେ ଏକ ମାମଲା ରୁଜୁ ହୋଇଛି। ବାବୁଙ୍କ କୋର୍ଟ ଚାଲାଣ କରାଯାଇଛି।

### ଅଗ୍ନିକାଣ୍ଡରେ ଆସବାବପତ୍ର ପୋଡିଗଲା

**ପାରଳାଖେମୁଣ୍ଡି,୨୪।୧୨(ସ୍ୱ.ପ୍ର):** ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡିସ୍ଥିତ କରଣସାହିଠାରେ ସୂର୍ଯ୍ୟ ନାରାୟଣ ଅଧିକାରୀଙ୍କ ଘରେ ପୂଜା ଦୀପରୁ ଅଗ୍ନିକାଣ୍ଡ ଘଟିଛି। ଫଳରେ ଘରର ପ୍ରାୟ ୫୦ହଜାର ଉର୍ଦ୍ଧ୍ୱ ଟଙ୍କାର ଆସବାପତ୍ର ପୋଡିଯାଇଛି। ଖବରପାଇ ଅଗ୍ନିଶମବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ମାତ୍ର ଉକ୍ତ ସାହି ରାସ୍ତାଟି ଅଣଓସାରିଆ ଏବଂ ବିଦ୍ୟୁତ ତାରଗୁଡିକ ବହୁ କମ୍ ଉଚ୍ଚତାରେ ରହିଥିବାରୁ ଦମକଳ ଗାଡି ପହଞ୍ଚିବାରେ ସମସ୍ୟା ହୋଇଥିଲା। ସହରର ଅନେକ ସାହିରେ ନୂତନ ରାସ୍ତା ତିଆରି ହେଲେ ମଧ ବିଦ୍ୟୁତ ତାରର ଉଚ୍ଚତା ଅଧିକ ନ ଥିବାରୁ ବିଭିନ୍ନ ସମୟରେ ସମସ୍ୟା ସୃଷ୍ଟି ହେଉଛି।

# ବଡ଼ଦିନ ପାଇଁ ୧୦ ପ୍ଲାଟୁନ୍ ଫୋର୍ସ ମୁତୟନ

**ଦାରିଙ୍ଗବାଡ଼ି, ୨୪।୧୨(ଡି.ଏନ୍.ଏ.)**

ବଡ଼ଦିନ ପାଇଁ ଦାରିଙ୍ଗବାଡ଼ି ବ୍ଲକର ସମସ୍ତ ଚର୍ଚ୍ଚ ସମେତ ଗାଁ ଉତ୍ସବମୁଖର ହୋଇଉଠିଛି। ମଙ୍ଗଳବାର ମଧ୍ୟରାତ୍ରରୁ ସମସ୍ତ ପ୍ରାର୍ଥନାଗୃହ ସମେତ ଚର୍ଚ୍ଚରେ ବଡ଼ ଧୁମ୍‌ଧାମ୍‌ରେ ଏହା ପାଳନ କରାଯିବ। ପ୍ରଶାସନ ଏବଂ ପୋଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ବ୍ରାହ୍ମଣୀଗାଁ ଥାନା ଅଞ୍ଚଳ ପାଇଁ ଜଣେ ଡିଏସ୍‌ପି ଆଲବିନାସ କେରେକେଟାଙ୍କ ନେତୃତ୍ୱରେ ୫ ପ୍ଲାଟୁନ ଫୋର୍ସ ବିଭିନ୍ନ ଚର୍ଚ୍ଚ ସମେତ ବଜାରରେ ମୁତୟନ କରାଯାଇଛି। ସେହିପରି ଦାରିଙ୍ଗବାଡ଼ି ଥାନାରେ ଡିଏସ୍‌ପି ସୂର୍ଯ୍ୟକାନ୍ତ ରାୟଙ୍କ ନେତୃତ୍ୱରେ ଆଇଆଇସି କୌଶିକ ମାଝୀ ଓ ଷ୍ଟାଫଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ କରାଯାଇ ସିମନବାଡ଼ି ସମେତ ସାରିଙ୍ଗିଇର୍ପ ଏବଂ ବିଭିନ୍ନ ଚର୍ଚ୍ଚରେ ୫ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଛନ୍ତି। ସାଦା ପୋଷାକରେ ପୋଲିସ ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଗୁଡ଼ିକରେ ମୁତୟନ ହୋଇଛନ୍ତି। ଦାରିଙ୍ଗବାଡ଼ି ସମେତ ବ୍ରାହ୍ମଣୀଗାଁରେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। କିଭଳି ଶାନ୍ତିଶୃଙ୍ଖଳାର ସହ ବଡଦିନ ପାଳନ ହେବ ସେନେଇ କନ୍ଧମାଳ ଜିଲାପାଳ ଡ. ବୃନ୍ଦା ଡି. ଏବଂ କନ୍ଧମାଳ ଏସ୍‌ପି ପ୍ରତୀକ ସିଂ ଗୁରୁତ୍ୱ ଦେଇଛନ୍ତି। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ଦାୟିତ୍ୱରେ ୨ ଥାନାରେ ସ୍ଥାନୀୟ ତହସିଲଦାର ନୀତୀଶ ତ୍ରିପାଠୀ ଏବଂ ବିଡିଓ ଭକ୍ତବନ୍ଧୁ ଜନାର୍ଦ୍ଦନ ଦଳେଇ ଦାୟିତ୍ୱ ତୁଲାଉଛନ୍ତି।

## ପୋଲିସର ଫ୍ଲାଗ୍‌ମାର୍ଚ୍ଚ

**ଜି.ଉଦୟଗିରି**


ଜି.ଉଦୟଗିରିରେ ପୋଲିସର ଫ୍ଲାଗମାର୍ଚ୍ଚ।

ବଡ଼ଦିନ ଉପଲକ୍ଷେ ଜି.ଉଦୟଗିରିରେ ମଙ୍ଗଳବାର ୩ ପ୍ଲାଟୁନ ଫୋର୍ସ ପହଞ୍ଚିବା ସହ ସହରରେ ଫ୍ଲାଗ୍‌ମାର୍ଚ୍ଚ କରିଛନ୍ତି। ବଡ଼ଦିନକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ପାଇଁ ତିନୋଟି ସ୍ଥାନ ଯଥା କଳିଙ୍ଗା, କନବାଗିରି ଓ ଶ୍ରୀରାମପଦାଠାରେ ଗାଡିମୋଟର ଯାଞ୍ଚ କରାଯାଉଥିବା ବେଳେ ମଙ୍ଗଳବାର ସାରାରାତି ପେଟ୍ରୋଲିଂ କରାଯିବ ବୋଲି ଥାନାଧିକାରୀ ଧିରଜ କୁମାର ଲେଙ୍କା କହିଛନ୍ତି। ୫ ଜଣ ପୋଲିସ ଅଧିକାରୀଙ୍କ ସହ ଏସ୍‌ଡିପିଓ ଜୟକୃଷ୍ଣ ବେହେରା ସୁରକ୍ଷା ବ୍ୟବସ୍ଥା ଦାୟିତ୍ୱରେ ଅଛନ୍ତି। ଜି.ଉଦୟଗିରି ଥାନା ଅଞ୍ଚଳରେ ଥିବା ୫୫ଟି ଚର୍ଚ୍ଚରେ ମଙ୍ଗଳବାର ମଧ୍ୟରାତ୍ରରୁ ବଡ଼ଦିନ ଉତ୍ସବ ପାଳନ ସହିତ ପ୍ରାର୍ଥନା କରାଯିବ।

# ଆଜି ବଡ଼ଦିନ, ଉତ୍ସବମୁଖର ରାଇକିଆ

**ରାଇକିଆ,୨୪।୧୨(ଡ଼ି.ଏନ.ଏ)**

ବୁଧବାର ଖ୍ରୀଷ୍ଟ ଧର୍ମାବଲମ୍ବୀଙ୍କ ବଡ଼ପର୍ବ କ୍ରିସ୍‌ମାସ। ଏଥିପାଇଁ ଉତ୍ସବ ମୁଖର ହୋଇ ଉଠିଛି ରାଇକିଆ ଅଞ୍ଚଳ। ଗତ ଏକ ସପ୍ତାହ ଧରି ଚର୍ଚ୍ଚ ମାନଙ୍କରେ ପ୍ରାକ୍ କ୍ରିସ୍‌ମାସ ପାଳନ ହୋଇଯାଇଛି। ଚର୍ଚ୍ଚ ଗୁଡ଼ିକୁ ଆକର୍ଷଣୀୟ ଆଲୋକମାଳାରେ ସଜାଯିବାସହ କ୍ରିସ୍‌ମାସ ଟ୍ରୀ, ଲ୍ୟାମ୍ପ ଓ ଜିଙ୍ଗଲବେଲ ଆକର୍ଷଣ ସାଜୁଛି। ସମସ୍ତ କାର୍ଯ୍ୟକ୍ରମ ପାଇଁ ସମୟ ସ୍ଥିର କରାଯାଇଥିବାବେଳ ସାରା ରାତି ଉଜାଗର ରହି ଖ୍ରୀଷ୍ଟ ସମ୍ପ୍ରଦାୟର ଲୋକେ ଏହି ପର୍ବ ପାଳନ କରିବେ। ମଙ୍ଗଳବାର ମଧ ରାତ୍ରରୁ ଚର୍ଚ୍ଚ ମାନଙ୍କରେ ସମୂହ ପ୍ରାର୍ଥନା, ଦିବ୍ୟଯଜ୍ଞ ଓ ଶୋଭାଯାତ୍ରା ପରେ କେକ କଟାଯିବ। ବୁଧବାର ସକାଳୁ ଚର୍ଚ୍ଚ ପରିସରରେ ସମୂହ ପ୍ରାର୍ଥନା ଅନୁଷ୍ଠିତ ହେବ। ବିଭିନ୍ନ ଚର୍ଚ୍ଚରେ ଗୁହାଳ ସଦୃଶ ଗୃହ ନିର୍ମାଣ କରାଯାଇଥିବାବେଳେ ଏହା ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ଖ୍ରୀଷ୍ଟିୟାନ ଜନ କଲ୍ୟାଣ ସମାଜ ଜିଲା ଯୁଗ୍ମ ସମ୍ପାଦକ ମୋସେସ ଦିଗାଳ କୁହନ୍ତି, ଏହି ଦିନ ଶାନ୍ତିପୂର୍ଣ୍ଣ ଭାବେ ପାଳନ ପାଇଁ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ରାଇକିଆ ବ୍ଲକର ୬୬ଟି ଚର୍ଚ୍ଚରେ ଆଡ଼ମ୍ବରରେ ପାଳନ ପାଇଁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ଅନ୍ୟ ପକ୍ଷରେ ଶାନ୍ତି ଶୃଙ୍ଖଳାକୁ ଦୃଷ୍ଟିରେ ରଖି ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ସହ ପାଟ୍ରୋଲିଂ କରାଯାଇଛି।


ଆଲୋକ ମାଳାରେ ସଜ୍ଜିତ ଏକ ଚର୍ଚ୍ଚ।

# ରାଇକିଆରେ ପ୍ରୀ-କ୍ରିସ୍‌ମାସ ପାଳନ


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ବୃନ୍ଦ।

**ରାଇକିଆ୨୪।୧୨(ଡ଼ି.ଏନ.ଏ)**

ଖ୍ରୀଷ୍ଟିୟାନ ଜନ କଲ୍ୟାଣ ସମାଜ ରାଇକିଆ ଶାଖା ତରଫରୁ ସୋମବାର ସନ୍ଧ୍ୟାରେ ରାଇକିଆ ବସ୍‌ଷ୍ଟାଣ୍ଡଠାରେ ପ୍ରାକ୍ କ୍ରିସ୍‌ମାସ ପାଳନ ହୋଇଯାଇଛି। ଖ୍ରୀଷ୍ଟିୟାନ ଜନ କଲ୍ୟାଣ ସମାଜ ରାଇକିଆ ଶାଖା ଚେୟାରମ୍ୟାନ ନଳିନୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ପ୍ରାର୍ଥନା, ଶାସ୍ତ୍ର ଅଧ୍ୟୟନ, ପ୍ରଶଂସା ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ମାନବ ଜାତିର ମୋକ୍ଷ ଏବଂ ଉଦ୍ଧାର ନିମନ୍ତେ ଉପସ୍ଥିତ ଅତିଥି ମାନେ ଅଭିଭାଷଣ ଦେଇଥିଲେ। ଉପସ୍ଥିତ ଖ୍ରୀଷ୍ଟ ବିଶ୍ୱାସୀମାନେ ପରସ୍ପରକୁ ଅଭିନନ୍ଦନ ଜଣାଇବା ସହ କେକ୍ କଟାଯାଇଥଲା। ପରେ ସ୍ଥାନୀୟ ଯୁବ କଳାକାରମାନଙ୍କୁ ନେଇ ସଙ୍ଗୀତ ଓ ନୃତ୍ୟ ପରିବେଷଣ କରାଯାଇଥିଲା। ଅତିଥି ଭାବେ ବିଡ଼ିଓ ପ୍ରବୀଣ କୁମାର ବାଣୁଆ, ଥାନା ଅଧିକାରୀ ଅଲେଖ ଗରଡ଼ିଆ, ଏମ୍‌ପି ପ୍ରତିନିଧି ସୁଧାଂଶୁ ପାଣିଗ୍ରାହୀ, ଜିଲାପରିଷଦ ସଭ୍ୟ ମୃତ୍ୟୁଞ୍ଜୟ ପାତ୍ର, ସରପଞ୍ଚ ପଞ୍ଚୁ ପ୍ରଧାନ, ସମିତି ସଭ୍ୟା ମିନି ନାୟକ, ଗୀତାଞ୍ଜଳୀ ନାୟକ, ବିଶପ ପ୍ରକାଶ ନାୟକ ଯୋଗ ଦେଇଥିଲେ। ଜିଲା ଯୁଗ୍ମ ସମ୍ପାଦକ ମଶେସ ଦିଗାଳ, ବିଜୟ ପ୍ରଧାନ, ଶରତ ନାୟକ, ରାଜ କିଶୋର ପରିଚ୍ଛା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଜୟାନନ୍ଦ ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଜିଲା କୃଷି କାର୍ଯ୍ୟାଳୟ ଝରକା ଭାଙ୍ଗିଲେ ଦୁର୍ବୃତ୍ତ

**ପାରଳାଖେମୁଣ୍ଡି ,୨୪।୧୨(ସ୍ୱ.ପ୍ର)**

ଗଜପତି ଜିଲା ଆର.ଉଦୟଗିରି ବ୍ଲକ, ଆର.ଉଦୟଗିରି ସହରରେ ଚୋରଙ୍କ ଉପଦ୍ରବ ବୃଦ୍ଧି ପାଇଛି। ଗତ ସୋମବାର ରାତିରେ ଚୋରମାନେ ଆର. ଉଦୟଗିରିସ୍ଥିତ ଜିଲା କୃଷି କାର୍ଯ୍ୟାଳୟ ଝରକା କାଚ ଭାଙ୍ଗିଛନ୍ତି। ସବ୍‌ଜେଲ ନିକଟରେ ଥିବା ଏକ ଦୋକାନ ଭାଙ୍ଗି ଦୋକାନରେ ଥିବା ଜିନିଷପତ୍ର ସହ ୧୫ ହଜାର ୭ଶହ ଟଙ୍କା ନେଇଯାଇଛନ୍ତି। ଚୋରମାନେ ଉକ୍ତ ଝରକା ଭାଙ୍ଗି ଅଫିସ ଭିତରକୁ ପଶିବା ପାଇଁ ଚେଷ୍ଟା କରିଥିଲେ। ଝରକାରେ ଲୁହା ଗ୍ରୀଲ ଲାଗିଥିବାରୁ ଭିତରକୁ ପଶିପାରିନାହାନ୍ତି। ସକାଳୁ ଏହା ଦେଖି କାର୍ଯ୍ୟାଳୟ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିବା ଜିଲା କୃଷି ଅଧିକାରୀ ପ୍ରଶାନ୍ତ ପଟ୍ଟନାୟକ କହିଛନ୍ତି। ସେହିପରି ଦୋକାନୀ ମନୋଜ ନାୟକ ମଧ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

## ବାଇଗଣବାଡିରେ ଖୋଲିଲା ଧାନମଣ୍ଡି

**କୁକୁଡ଼ାଖଣ୍ଡି,୨୪।୧୨(ଡି.ଏନ୍.ଏ.)**

କୁକୁଡାଖଣ୍ଡି ବ୍ଲକ ଅଧକ୍ଷ କାମାକ୍ଷା ପ୍ରସାଦ ପାତ୍ରଙ୍କ ଦ୍ୱାରା ବାଇଗଣବାଡିରେ ଧାନ ମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ଚାଷୀ ବିଜୟ କୁମାର ବିଶୋୟୀ ସେବା ସମବାୟ ସମିତି କାର୍ଯ୍ୟାଳୟକୁ ରାଜ୍ୟ ସରକାରଙ୍କ ନୂତନ ଧାନ କ୍ରୟ ନୀତି ଅନୁଯାୟୀ ଟୋକେନ ୫୦ କିଗ୍ରା ଧାନ ଧରି ଆସିଥିଲେ। ସମିତି କାର୍ଯ୍ୟାଳୟରେ ପୂଜା ପାଠ ପରେ ଧାନ ଓଜନ ହୋଇଥିଲା। ବିନାୟକ ରାଇସ ମିଲ ମାଲିକ ରବୀନ୍ଦ୍ର ବିଶ୍ୱାଳ ସେବା ସମବାୟ କାର୍ଯ୍ୟାଳୟରୁ ସମ୍ପାଦକ ବୃନ୍ଦାବନ କୋଠିଆଙ୍କ ଠାରୁ ଧାନ କିଣିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଶାନ୍ତ ରାଓ ଯୋଗାଣ ଅଧିକାରୀ, ସହକାରୀ ନିବନ୍ଧକ ସମବାୟ ସମିତି ସମୂହ ଶିବ ପ୍ରସାଦ ସ୍ୱାଇଁ, ଉପ ସହକାରୀ ନିବନ୍ଧକ ଗୋପାଳ କୃଷ୍ଣ ନାୟକ ଓ ସୂର୍ଯ୍ୟ ନାରାୟଣ ପାତ୍ର, ବାଚସ୍ପତି ପ୍ରତିନିଧି ସନ୍ତୋଷ ଚୌଧୁରି, ସରପଞ୍ଚ ଉମା ଶଙ୍କର ସାମଲଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ। ୧୫ ଜଣ ଚାଷୀଙ୍କଠାରୁ ଧାନ କିଣାଯାଇଥିଲା।

## ସ୍କାଉଟ୍, ଗାଇଡ୍ ଓ ରେଡକ୍ରସ୍‌ର ଦୀକ୍ଷାନ୍ତ ଉତ୍ସବ



ଦୀକ୍ଷାନ୍ତ ଉତ୍ସବରେ ମଞ୍ଚାସୀନ ଅତିଥି।

**ଆସିକା,୨୪।୧୨(ଡି.ଏନ୍.ଏ.)**

ଗାଙ୍ଗପୁରସ୍ଥିତ ଶରତ ଚନ୍ଦ୍ର ପଣ୍ଡା ସ୍ମାରକୀ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ସବ୍ ଜୋନସ୍ତରୀୟ ଭାରତ ସ୍କାଉଟ ଏଣ୍ଡ ଗାଇଡ ଏବଂ ଜୁନିୟର ରେଡକ୍ରସର ଦୀକ୍ଷାନ୍ତ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଏହାକୁ ଜିଲା ଜୁନିୟର ରେଡକ୍ରସର ସିନିୟର କାଉନ୍‌ସିଲର ହିମାଂଶୁ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ଭାଗୀରଥି ସ୍ୱାଇଁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ରାମହରି ବିଷୋୟୀ, ଜିଲା ସ୍କାଉଟ କମିସନର ରାମହରି ସାହୁ, ସହକାରୀ ସ୍କାଉଟ କମିଶନର ଲକ୍ଷ୍ମୀନାରାୟଣ ପଣ୍ଡା, ଜିଲା ସାଂଗଠନିକ କମିଶନର ଭିକାରୀ ଗୌଡ, ଜିଲା ସିନିୟର ରେଡକ୍ରସ କାଉନସିଲର ଗାୟତ୍ରୀ ମିଶ୍ର ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରମାନେ ଉତ୍ସର୍ଗୀକୃତ ସେବା ମନୋଭାବ ନେଇ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଜୁନିୟର ରେଡକ୍ରସ କାଉନ୍‌ସିଲର ସୀମାଞ୍ଚଳ ଶତପଥୀ ସଂଯୋଜନା କରିଥିଲେ।

## କ୍ରିସ୍‌ମାସ ପାଇଁ ବଜାର ଚଳଚଞ୍ଚଳ

**ପାରଳାଖେମୁଣ୍ଡି,୨୪।୧୨(ସ୍ୱ.ପ୍ର)**

ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସହରରେ କ୍ରିସ୍‌ମାସ ପାଇଁ ସମସ୍ତ ଦୋକାନ ବଜାରଗୁଡିକ ଚଳଚଞ୍ଚଳ ହୋଇଉଠିଛି। ବୁଧବାର କ୍ରିସ୍‌ମାସ ପର୍ବ ପାଳନ ହେବାକୁ ଥିବାରୁ ସହରର ବିଭିନ୍ନ ସ୍ଥାନରେ ଥିବା ଚର୍ଚ୍ଚଗୁଡିକ ସଜାଯାଇଛି। ସେହିପରି ବିଭିନ୍ନ ଲୁଗା ଦୋକାନ, ମିଠା ଦୋକାନ ଏବଂ କ୍ରିସ୍‌ମାସ କେକ୍ ଦୋକାନମାନଙ୍କରେ ପ୍ରବଳ ଭିଡ ଦେଖିବାକୁ ମିଳୁଛି। ପାରଳାଖେମୁଣ୍ଡି ସହର ବ୍ୟତୀତ ଗୁମ୍ମା, ଗୋଷାଣି, ରାୟଗଡ, ନୂଆଁଗଡ, ଏବଂ ପଡୋଶୀ ଆନ୍ଧ୍ରପ୍ରଦେଶର ଲୋକମାନେ ମଧ ବିଭିନ୍ନ ଜିନିଷ କିଣିବା ପାଇଁ ପାରଳାଖେମୁଣ୍ଡିରେ ଭିଡ ଜମାଉଛନ୍ତି।

## ଜାତୀୟ ଖାଉଟି ଦିବସ ପାଳିତ

**ଫୁଲବାଣୀ ଅଫିସ, ୨୪।୧୨**



ଖାଉଟି ଦିବସରେ ଉପସ୍ଥିତ ଅତିଥି।

କନ୍ଧମାଳ ଜିଲାସ୍ତରୀୟ ଜାତୀୟ ଖାଉଟି ଦିବସ ଫୁଲବାଣୀ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ପ୍ରକାଶ ଚନ୍ଦ୍ର ସେଠୀ ଏଥିରେ ଅଧକ୍ଷତା କରିଥିଲେ। ଖାଉଟି ଅଧିକାର ସମ୍ବନ୍ଧରେ ସମାଜର ସବୁବର୍ଗର ଜନସାଧାରଣ ସଚେତନ ହେବା ଆବଶ୍ୟକ ବୋଲି ସେ କହିଥିଲେ। କନ୍ଧମାଳ ଖାଉଟି ବିବାଦ ସମାଧାନ ମଞ୍ଚର ଭାରପ୍ରାପ୍ତ ସଭାପତି ସୁଧୀରାଲକ୍ଷ୍ମୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଖାଉଟିମାନେ ମଞ୍ଚର ସହଯୋଗ ନେବାକୁ ଅନୁରୋଧ କରିଥିଲେ। ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ ମୁଖ୍ୟବକ୍ତା ଭାବେ ଯୋଗଦେଇ ଖାଉଟି କେଉଁମାନେ, ଖାଉଟିଙ୍କ ଅଧିକାର, ଖାଉଟି ଅଧିକାର ନିୟମ-୧୯୮୬ ଓ ଦେୟମୁକ୍ତ ଟେଲିଫୋନ ନଂ. ୧୮୦୦୪୦୦୦ ବିଷୟରେ ଆଲୋକପାତ କରିଥିଲେ। କନ୍ଧମାଳ ଖାଉଟି ପରାମର୍ଶ କେନ୍ଦ୍ରର ପରାମର୍ଶଦାତ୍ରୀ ରାଜଲକ୍ଷ୍ମୀ ସାହୁ ଖାଉଟିର ପ୍ରମୁଖ ଅଧିକାର ବିଷୟରେ ବର୍ଣ୍ଣନା କରିଥିଲେ। ସେହିପରି କନ୍ଧମାଳ ମାପ ଓ ଓଜନ ବିଭାଗର ସହକାରୀ ନିରୀକ୍ଷକ ସନ୍ତୋଷ ମଲ୍ଲିକ ଖାଉଟି ଯେଭଳି ଠକେଇର ଶିକାର ନ ହେବେ ତାହା କହିଥିଲେ। ସହକାରୀ ବେସାମରିକ ଯୋଗାଣ ଅଧିକାରୀ ଦୀପ୍ତିରେଖା ପ୍ରଧାନଙ୍କ ସମେତ ବିଭାଗୀୟ କର୍ମଚାରୀ, ସରକାରୀ ଶିଳ୍ପ ତାଲିମ କେନ୍ଦ୍ରର ପ୍ରଶିକ୍ଷକ ଓ ଛାତ୍ରୀଛାତ୍ରମାନେ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ମିଶନ ଇନ୍ଦ୍ରଧନୁଷ୍ ଟାସ୍କ ଫୋର୍ସ ବୈଠକ

**ଫୁଲବାଣୀ ଅଫିସ, ୨୪।୧୨**


ମିଶନ ଇନ୍ଦ୍ରଧନୁଷ ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟମାନେ।

ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହରେ ସଶକ୍ତ ମିଶନ ଇନ୍ଦ୍ରଧନୁଷ ଟାସ୍କ ଫୋର୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଡା. ବୃନ୍ଦା ଡି. ଏଥିରେ ଅଧକ୍ଷତା କରି ପ୍ରତ୍ୟେକ କାର୍ଯ୍ୟକ୍ରମକୁ ଆଶାକର୍ମୀ, ଅଙ୍ଗନୱାଡ଼ି କର୍ମୀ, ଏବଂ ଏଏନ୍‌ଏମ୍‌ମାନଙ୍କୁ ଡକାଇବାକୁ ପରାମର୍ଶ ଦେଇଥିଲେ। ଜି.ଉଦୟଗିରି ବ୍ଲକରୁ କୌଣସି ହିତାଧିକାରୀ ଚିହ୍ନଟ ହୋଇପାରି ନ ଥିବାରୁ ଜିଲାପାଳ କ୍ଷୋଭ ପ୍ରକାଶ କରିଥିଲେ। ଜିଲାସ୍ତରୀୟ ଅଧିକାରୀମାନେ ଜି.ଉଦୟଗିରି ବ୍ଲକର କିଛି ଗାଁକୁ ଯାଇ ଘରକୁ ଘର ବୁଲି ପଚାରି ବୁଝିବାକୁ ପରାମର୍ଶ ଦେଇଥିଲେ। ଉଭୟ ସଶକ୍ତ ମିଶନ ଇନ୍ଦ୍ରଧନୁଷ ସହିତ ମିଳିମିଳା ଓ ରୁବେଲା ପ୍ରତି ଧ୍ୟାନ ଦେବା ପାଇଁ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀମାନଙ୍କୁ କୁହାଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୭୧୦ ଶିଶୁଙ୍କୁ ଟୀକାକରଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ୭୦୮ ଜଣଙ୍କୁ ଟିକାକରଣ କରାଯାଇଛି। ଜାନୁୟାରୀ ୬, ୭, ୯, ୧୦, ୧୩, ୧୪ ଓ ୧୬ ତାରିଖରେ ଦ୍ୱିତୀୟ ପର୍ଯ୍ୟାୟ ଟିକାକରଣ କରାଯିବ। ରାଜ୍ୟ ମନିଟରିଂ ଅଧିକାରୀ ଡା. ସମ୍ମିତ ପ୍ରଧାନ ଓ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ଡା. ନିହାର ରଞ୍ଜନ ରାୟ ପାୱାର ପଏଣ୍ଟ ମାଧମରେ ତଥ୍ୟ ପ୍ରଦାନ କରିଥିଲେ। ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରାଜଶ୍ରୀ ପଟ୍ଟନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ(ପରିବାର କଲ୍ୟାଣ) ଡା. ପ୍ରସନ୍ନ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ୍‌ର ଜିଲା କାର୍ଯ୍ୟକ୍ରମ ପରିଚାଳକ ମନୋରଞ୍ଜନ ସାହୁ, ଭାରପ୍ରାପ୍ତ ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଯୋଗାଯୋଗ ଅଧିକାରୀ ଜ୍ୟୋସ୍ନା ମହାନ୍ତିଙ୍କ ସମେତ ଜିଲାର ସମସ୍ତ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ, ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ, ଗୋଷ୍ଠୀ କାର୍ଯ୍ୟକ୍ରମ ପରିଚାଳକ ଏବଂ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଯୋଗ ଦେଇଥିଲେ।


କନ୍ଧମାଳ ଜିଲା ଫିରିଙ୍ଗିଆ ବ୍ଲକ କ୍ରାଣ୍ଡିବାଲି ପଞ୍ଚାୟତ ଆଦର୍ଶ ଅଙ୍ଗନୱାଡି କେନ୍ଦ୍ରରେ ପିଲାମାନେ ବସିବା ଲାଗି ଚେୟାର ଟେବୁଲ ପ୍ରଦାନ କରାଯାଇଛି। ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ଜିଲା ପରିଷଦ ଉପାଧକ୍ଷା ସାରତୀ ମଲ୍ଲିକ, ବିଡିଓ ରଶ୍ମିରଞ୍ଜନ ମହନ୍ତ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### 'ଧରିତ୍ରୀ' ପ୍ରଭାବ
## ବିଧବା ବୋହୂ, ଶ୍ୱଶୁରଙ୍କୁ ମିଳିଲା ଭତ୍ତା



ବୈପାରୀଗୁଡ଼ା,୨୪।୧୨(ଡି.ଏନ୍.ଏ.): ସରକାରୀ ସହାୟତାରୁ ବଞ୍ଚିତ ଅସହାୟ ଶ୍ୱଶୁର ଓ ବିଧବା ବୋହୂଙ୍କୁ ମିଳିଲା ସହାୟତା । ମଙ୍ଗଳବାର ବୈପାରୀଗୁଡ଼ା ପଞ୍ଚାୟତ ନିର୍ବାହୀ ଅଧିକାରୀ ଉପେନ୍ଦ୍ର ବାଘ ଅମଳାଭଟ୍ଟା ଗ୍ରାମକୁ ଯାଇ ବୋହୂ ଯମୁନା ମାଝିଙ୍କୁ ଚଳିତ ମାସଠାରୁ ବିଧବା ଭତ୍ତା ବାବଦକୁ ୫ ଶହ ଟଙ୍କା ଓ ଶ୍ୱଶୁର ଲଛମନ ମାଝି (୭୦)ଙ୍କୁ ବାର୍ଦ୍ଧକ୍ୟ ଭତ୍ତା ବାବଦକୁ ୫ ଶହ ଟଙ୍କା ପ୍ରଦାନ କରିଥିଲେ। ଉଲ୍ଲେଖଯୋଗ୍ୟ, କିଛି ବର୍ଷ ତଳେ ଯମୁନା ମାଝିଙ୍କ ସ୍ୱାମୀ ରାମଚନ୍ଦ୍ର ମାଝିଙ୍କ ଅକାଳ ବିୟୋଗ ହେବା ପରେ ୫ ନାବାଳକ ପିଲା ଓ ବୃଦ୍ଧ ଶ୍ୱଶୁରଙ୍କ ଭରଣପୋଷଣ ଦାୟିତ୍ୱ ଯମୁନାଙ୍କ ଉପରେ ପଡ଼ିଥିଲା। ସ୍ୱାମୀଙ୍କ ମୃତ୍ୟୁର ପ୍ରମାଣପତ୍ର ଯୋଗାଡ଼ କରିପାରି ନ ଥିବାରୁ ବିଧବା ଭତ୍ତା ତଥା ପରିବାର ମଙ୍ଗଳ ଯୋଜନାରେ ୨୦ ହଜାର ଟଙ୍କା ସହାୟତାରୁ ସେମାନେ ବଞ୍ଚିତ ହୋଇଥିଲେ। ସେହିପରି ଶ୍ୱଶୁର ଲଛମନ ମାଝିଙ୍କୁ ୬୦ ବର୍ଷ ଟପିଥିଲେ ମଧ ଆଧାର କାର୍ଡ ହୋଇପାରୁ ନ ଥିବାରୁ ବାର୍ଦ୍ଧକ୍ୟ ଭତ୍ତା ମିଳିପାରୁ ନ ଥିଲା। ଉକ୍ତ ଆଦିବାସୀ ପରିବାରର ଦୟନୀୟ ଅବସ୍ଥା ନେଇ ଗତ ୧୮ ତାରିଖ 'ଧରିତ୍ରୀ'ରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ନେଇ ସାମାଜିକ କର୍ମୀ ଦୀପା ବାରିକ ମୁଖ୍ୟମନ୍ତ୍ରୀ ଓ ଜିଲାପାଳଙ୍କୁ ଟୁଇଟ୍ କରିବା ପରେ ପ୍ରଶାସନିକ ତତ୍ପରତା ପ୍ରକାଶ ପାଇଥିଲା।

## ଅବସର ସମ୍ବର୍ଦ୍ଧନା

ସେମିଲିଗୁଡ଼ା,୨୪।୧୨(ସ୍ୱ.ପ୍ର.): କୋରାପୁଟ ଜିଲା ସେମିଲିଗୁଡ଼ା ବ୍ଲକ କଲୋନୀ ଉଚ୍ଚ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ଅନ୍ନପୂର୍ଣ୍ଣା ପ୍ରଧାନଙ୍କୁ ଗତ ଶନିବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ସଭାରେ ବ୍ଲକ ଶିକ୍ଷାଧିକାରୀ ଚମେଲି ମଜୁମଦାର, ଏନ୍. ବିଜୟା କୁମାରୀ, ସହକାରୀ ବ୍ଲକ ଶିକ୍ଷାଧିକାରୀ ବିଜୟ କୁମାର ଇଡିଙ୍ଗ, ବ୍ଲକ ପ୍ରାଥମିକ ସଂଘ ସଭାପତି ସୀମାଞ୍ଚଳ ପାଳ ଏବଂ ସିଆରସିସି ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶରତ ଚନ୍ଦ୍ର ଭତ୍ରା ସଭା ପରିଚାଳନା କରିଥିଲେ।

## କୁକୁଡ଼ା ଗାଲିରେ ଚଢ଼ାଉ, ୬ ଗିରଫ

ବୈପାରୀଗୁଡ଼ା,୨୪।୧୨(ଡି.ଏନ୍.ଏ.): ବୈପାରୀଗୁଡ଼ା ଥାନା ଇଲାକାରେ କୁକୁଡ଼ା ଗାଲି ବ୍ୟାପକ ଭାବେ ଚାଲୁଥିବା ବେଳେ ଏହାକୁ ରୋକିବାକୁ ପୋଲିସ ପକ୍ଷରୁ ଘନ ଘନ ଚଢ଼ାଉ ହେଉଛି। ମଙ୍ଗଳବାର ସନ୍ଧ୍ୟାରେ ଥାନା ଅଧିକାରୀ ମହେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱରେ ଏହି ଥାନା ଅନ୍ତର୍ଗତ କୁନ୍ଦୁରା ବ୍ଲକ ଘଷର୍ଡ଼ାରେ ଚଢ଼ାଉ କରାଯାଇଥିଲା। ଏଥିରେ ସଂପୃକ୍ତ ୬ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ସେମାନଙ୍କଠାରୁ ୩ଟି ଗଞ୍ଜା, ୨ଟି ଛୁରୀ, ୩ଟି ମୋଟର ସାଇକେଲ, ୩ଟି ମୋବାଇଲ ସମେତ ନଗଦ ଦେଢ଼ ହଜାର ଟଙ୍କା ଜବତ କରିଛି।

■ ଷ୍ଟଲ ଆବେଦନ କରିଥିବା ହିତାଧିକାରୀ ୮ ବର୍ଷ ହେଲା ହନ୍ତସନ୍ତ

# ଅର୍ଥ ଫେରିଲାନି, ନୋଟିସ୍ ପଠେଇଛି ପୌରସଂସ୍ଥା

### ନ୍ୟାୟ ଆଶାରେ ରବୀନ୍ଦ୍ର

ସୁନାବେଡ଼ା,୨୪।୧୨(ଡି.ଏନ୍.ଏ.)

ଦୋକାନ ଘର ପାଇବା ପାଇଁ ଜଣେ ବ୍ୟକ୍ତି ୫୦ ହଜାର ଟଙ୍କାର ଡ୍ରାଫ୍ଟ ଦେଇ ପ୍ରଶାସନ ପାଖରେ ଆବେଦନ କରିଥିଲେ। ଦୋକାନ ତ ମିଳିଲାନି; କିନ୍ତୁ ଟଙ୍କା ଫେରସ୍ତ ପାଇଁ କହିବା ବେଳକୁ ତାଙ୍କ ନାଁରେ ଅନ୍ୟ ଜଣେ ସେହି ଟଙ୍କା ଆତ୍ମସାତ୍ କରିଦେଇଛନ୍ତି। ୮ ବର୍ଷ ତଳର ଏହି ଅଭିଯୋଗ ନେଇ ପୀଡ଼ିତ ବ୍ୟକ୍ତି ପୋଲିସ, ଅଦାଲତଙ୍କ ଦ୍ୱାରସ୍ଥ ହୋଇଥିଲେ। ଏବେ କିନ୍ତୁ ତାଙ୍କୁ ଘରବାଡ଼ିର କାଗଜପତ୍ର ଦେଖାଇବା ପାଇଁ ନୋଟିସ୍ ପଠାଇଛି ସୁନାବେଡ଼ା ପୌରସଂସ୍ଥା।

ସୂଚନା ଅନୁଯାୟୀ, ସେମିଲିଗୁଡ଼ା ସହରର ଇନ୍ଦିରାନଗରର ବାସିନ୍ଦା ହେଉଛନ୍ତି ରବୀନ୍ଦ୍ର କୁମାର ସାହୁ। ସେମିଲିଗୁଡ଼ା ବସ୍‌ଷ୍ଟାଣ୍ଡରେ ୮ଟି ଷ୍ଟଲ୍ ପାଇଁ ୨୦୧୨ ଅକ୍ଟୋବର ୮ରେ ନୋଟିଫିକେସନ ବାହାରିଥିଲା। ରବୀନ୍ଦ୍ର ୫୦ ହଜାର ଟଙ୍କାର ଏକ ବ୍ୟାଙ୍କ ଡିଡି (ନଂ ୦୬୯୭୦୯) ସୁନାବେଡ଼ା ପୌରସଂସ୍ଥା ନିକଟରେ ଦାଖଲ କରି ଏଥିପାଇଁ ଆବେଦନ କରିଥିଲେ। ୨୦୧୫ରେ ଲକି ଡ୍ର ମାଧ୍ୟମରେ ଷ୍ଟଲ ଆଲଟ୍‌ମେଣ୍ଟ ହେଲା। ଷ୍ଟଲ୍ ନ ମିଳିବା ଯୋଗୁ ରବୀନ୍ଦ୍ର ଟଙ୍କା ଫେରସ୍ତ ପାଇଁ ଆର୍‌ଟିଆଇରେ ତଥ୍ୟ ମାଗି ନିରାଶ ହେବା ପରେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲେ। ସେଠାରେ କେସ୍ ନଂ ୧୩୭୩୦/୨୦୧୬ରେ ଏହା ବର୍ତ୍ତମାନ ବିଚାରାଧୀନ ରହିଛି। ଚୂଡ଼ାନ୍ତ ଶୁଣାଣି ଯାଏ ୮ଟି ଷ୍ଟଲ ମଧ୍ୟରୁ ଗୋଟିଏ ଖାଲି ରଖିବା ପାଇଁ ୨୮ ସେପ୍ଟେମ୍ବର ୨୦୧୬ରେ ହାଇକୋର୍ଟ ଏକ ଅର୍ଡର କରିଥିଲେ। ଇତିମଧ୍ୟରେ ୫୦ ହଜାର ଟଙ୍କା ଫେରାଇ ଦିଆଯାଇଛି ବୋଲି ସୁନାବେଡ଼ା ପୌର ନିର୍ବାହୀ ଅଧିକାରୀ ଏକ ଚିଠିରେ ରବୀନ୍ଦ୍ରଙ୍କୁ ଜଣାଇଥିଲେ। ଅସଲରେ ରବୀନ୍ଦ୍ର ଏ ପଇସା ପାଇ ନାହାନ୍ତି। ଅନ୍ୟଜଣେ ରବୀନ୍ଦ୍ର କୁମାର ସାହୁଙ୍କୁ ଏହା ଦିଆଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଚିଠିରେ ଉଲ୍ଲେଖ କରିଥିଲେ। ଦୀର୍ଘଦିନ ଯାଏ ଅନ୍ୟ କିଛି ଫଳ ନ ହେବାରୁ ଗତ ନଭେମ୍ବର ୪ରେ ରବୀନ୍ଦ୍ର ଅନ୍‌ଲାଇନ ମାଧ୍ୟମରେ ସୁନାବେଡ଼ା ଥାନାରେ ଏକ ଏତଲା ଦେଇଥିଲେ। ପରେ କୋରାପୁଟ ଏସ୍‌ପିଙ୍କୁ ଭେଟିବାରୁ ସେ ତୁରନ୍ତ ମାମଲା ରୁଜୁ କରିବା ପାଇଁ ସୁନାବେଡ଼ା ଆଇଆଇସିଙ୍କୁ ଚିଠି କଲେ। ୪୮ ଦିନ ପରେ ଗତ ୧୮ ତାରିଖରେ ଧାରା ୪୨୦/୪୬୮ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ପୌର ନିର୍ବାହୀ ଅଧିକାରୀ ରବୀନ୍ଦ୍ରଙ୍କୁ ଡକାଇ ବାରମ୍ବାର ଆଲୋଚନା କରିବା ସହ ଗତ ୨୦ ତାରିଖରେ ଏକ ଚିଠି (ନଂ ୬୯୫୪) କରିଥିଲେ। ଏଥିରେ ସେ ସୁଧ ସହ ଟଙ୍କା ଫେରାଇଦେବା ପାଇଁ ଉଲ୍ଲେଖ କରିଥିଲେ। ହାଇକୋର୍ଟରେ ମାମଲା ବିଚାରାଧୀନ ରହିଛି, ତେଣୁ ସେ ରିସିଭ୍ କରିବେ ନାହିଁ କହି ଚିଠି ଫେରାଇ ଦେଇଥିଲେ ରବୀନ୍ଦ୍ର। କିନ୍ତୁ ଗତ ୨୩ ତାରିଖ ହଠାତ୍ ପୌରସଂସ୍ଥା ରବୀନ୍ଦ୍ରଙ୍କ ନାଁରେ ଏକ ଚିଠି (ନଂ ୬୯୯୭/୬୯୯୮) କରିଥିଲା। ସେ ପୌରପରିଷଦର ବିନା ଅନୁମତିରେ ୩ ମହଲା ଗୃହ ନିର୍ମାଣ କରିଛନ୍ତି । ନୋଟିସର ୭ ଦିନ ଭିତରେ ଗୃହ ସମ୍ବନ୍ଧୀୟ କାଗଜପତ୍ର ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦିଆଯିବା ସହ ଏଥିରେ ଖିଲାପ ହେଲେ ରବୀନ୍ଦ୍ରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଚିଠିରେ ଉଲ୍ଲେଖ ରହିଥିଲା। ଏଭଳି ଚିଠି ପରେ ରବୀନ୍ଦ୍ର ଓ ତାଙ୍କ ପରିବାର ଚିନ୍ତିତ ହୋଇପଡ଼ିଛନ୍ତି। ଏହି ଘଟଣାରେ ତାଙ୍କ ଅର୍ଥ ଫେରସ୍ତ ସହ ପ୍ରଶାସନିକ ପେଞ୍ଚରୁ ମୁକ୍ତି ପାଇଁ ସେ ନ୍ୟାୟ ଆଶାରେ ଗଣମାଧ୍ୟମର ସହଯୋଗ ଲୋଡ଼ିଛନ୍ତି।



ବଡ଼ଦିନ ପାଇଁ ସଜେଇ ହୋଇଛି ଜୟପୁର ଅଞ୍ଚଳର ଏକ ଚର୍ଚ୍ଚ।

## ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡି ଉଦ୍‌ଘାଟିତ

ବୈପାରୀଗୁଡ଼ା,୨୪।୧୨(ଡି.ଏନ୍.ଏ.)

ସ୍ଥାନୀୟ ହାଟପଦାଠାରେ ମଙ୍ଗଳବାର ଜିଲାର ପ୍ରଥମ ମାଣ୍ଡିଆ ମଣ୍ଡିର ଶୁଭାରମ୍ଭ ହୋଇଛି। ଏହାର ଶୁଭ ଉଦ୍‌ଘାଟନ କରିଛନ୍ତି କୋରାପୁଟ ଜିଲାପାଳ ମଧୁସୂଦନ ମିଶ୍ର। ଏହି ଅବସରରେ ଜିଲା କୃଷି ଅଧିକାରୀ ବିଜୟ କୁମାର ସୋରେନ, ସ୍ଥାନୀୟ ଗୋଷ୍ଠୀ ଉନ୍ନୟନ ଅଧିକାରୀ ରଜନୀକାନ୍ତ ଦାସ, ବ୍ଲକ ଅଧ୍ୟକ୍ଷା ସରୋଜିନୀ କାଣ୍ଡିକି ତଥା ଟିଡିସିସିର ସୁନାବେଡ଼ା ଶାଖା ପରିଚାଳକ ଗଙ୍ଗାଧର ମହାନ୍ତି ଉପସ୍ଥିତ ଥିଲେ। ଚଳିତ ବର୍ଷ ଚାଷୀଙ୍କଠାରୁ ମାଣ୍ଡିଆ କିଣିବା ଦାୟିତ୍ୱ ଟିଡିସିସି ନେଇଥିବା ବେଳେ ଏହାର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୩ ହଜାର ୧୫୦ ଟଙ୍କା ରଖାଯାଇଛି। ଜିଲାର ବିଭିନ୍ନ ବ୍ଲକରେ ମଣ୍ଡି ଦିନ ନିର୍ଦ୍ଧାରଣ କରାଯାଇଥିବା ବେଳେ ବୈପାରୀଗୁଡ଼ା ବ୍ଲକରେ ପ୍ରତି ମଙ୍ଗଳବାର ଓ ଶନିବାର ଏବଂ ପ୍ରତି ବୁଧବାର ରାମଗିରି ଓ ବାଲିଗାଁଠାରେ ମାଣ୍ଡିଆ ମଣ୍ଡି ବସିବ। ଆଦିବାସୀଙ୍କ ପାରମ୍ପରିକ ଚାଷ ମାଣ୍ଡିଆ ଧୀରେଧୀରେ ଲୋପ ପାଇବାକୁ ଯାଉଥିବା ବେଳେ ଚଳିତ ବର୍ଷଠାରୁ ମାଣ୍ଡିଆ ବିକ୍ରି ପାଇଁ ପ୍ରଶାସନ ପକ୍ଷରୁ ମଣ୍ଡି ବ୍ୟବସ୍ଥା ଚାଷୀଙ୍କୁ ଉତ୍ସାହିତ କରିଛି। ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସିୱାଇଏସ୍‌ଡି ଏହାର ଆୟୋଜନ କରିଥିଲା।



ମଣ୍ଡି ଉଦ୍‌ଘାଟନୀ ସଭାରେ କୋରାପୁଟ ଜିଲାପାଳଙ୍କ ସହ ଅନ୍ୟ ଅତିଥିମାନେ।

## ଏଡ୍‌ସ ଆକ୍ରାନ୍ତଙ୍କୁ ଗାଳିଗୁଲଜ

■ ଥାନାରେ ଏତଲା

ଜୟପୁର,୨୪।୧୨(ଡି.ଏନ୍.ଏ.)

ଜୟପୁର ସଦରଥାନା ଅଞ୍ଚଳର ଗୋଟିଏ ଗ୍ରାମରେ ଜଣେ ଏଡ୍‌ସ ଆକ୍ରାନ୍ତ ଓ ତାଙ୍କ ପରିବାରକୁ ଆପତ୍ତିଜନକ ଗାଳିଗୁଲଜ ହୋଇଛି। ଏନେଇ ପୋଲିସ ୨ ଜଣ ଅଭିଯୁକ୍ତଙ୍କୁ ଥାନାକୁ ଆଣି ପଚରାଉଚରା କରୁଛି। ସେମାନେ ହେଲେ ଶଙ୍କର ଚୌଧୁରୀ ଓ ତାଙ୍କ ପୁଅ ମୁକେଶ ଚୌଧୁରୀ। ଅଭିଯୋଗ ଅନୁଯାୟୀ, ଗତ ସୋମବାର ଏଡ୍‌ସ ଆକ୍ରାନ୍ତ ବ୍ୟକ୍ତିଙ୍କ ସହ କୌଣସି କଥାକୁ ନେଇ ମୁକେଶଙ୍କ ଜୟପୁରରେ ପାଟିତୁଣ୍ଡ ହୋଇଥିଲା। ପରେ ମୁକେଶଙ୍କ ପରିବାର ଲୋକେ ଅଭିଯୋଗକାରୀଙ୍କ ଘର ଆଗରେ ପହଞ୍ଚି ପାଟିତୁଣ୍ଡ କରିବା ସହ ଏଡ୍‌ସ ଆକ୍ରାନ୍ତ ନେଇ ନାନା ଆପତ୍ତିଜନକ ଟିପ୍ପଣୀ ଦେଇଥିଲେ। ରୋଗ ସମ୍ପର୍କରେ ପ୍ରଘଟ ହେବାରୁ ତାଙ୍କ ପରିବାର ଏବେ ନିଜ ଭବିଷ୍ୟତ ନେଇ ଚିନ୍ତିତ ହୋଇପଡ଼ିଛନ୍ତି। ପୁଅ ପାଖ ସ୍କୁଲରେ ପଢୁଛି। ସ୍କୁଲରୁ ପୁଅ ଓ ଗ୍ରାମରୁ ପରିବାର ବାସନ୍ଦ ହେବାର ଭୟ ସେମାନଙ୍କୁ ଘାରିଛି। କିଛି ଅଶାନ୍ତି ସୃଷ୍ଟି ହେଲେ ଆତ୍ମହତ୍ୟା କରିବେ ବୋଲି ଚେତାବନୀ ଦେଇଛନ୍ତି ଅଭିଯୋଗକାରୀ। ପୋଲିସ ତଦନ୍ତ କରି ଅଭିଯୁକ୍ତଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି ନେଟୱର୍କ ପିପୁଲ ଲିଭିଙ୍ଗ ଏଚ୍‌ଆଇଭିର ଜିଲା ଶାଖା ସଂପାଦକ ତଥା ପାରାଲିଗାଲ ସ୍ୱେଚ୍ଛାସେବୀ ସୋମନାଥ ମହାନ୍ତି। ସଦରଥାନା ଅଧିକାରୀ ଶିବଶଙ୍କର ସାହୁ କହିଛନ୍ତି, ଏନେଇ ଲିଖିତ ଅଭିଯୋଗ ହୋଇନାହିଁ। ତଦନ୍ତ ପରେ ଏଫଆଇଆର ପଞ୍ଜିକୃତ ହେଲେ ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ଜାତୀୟ କ୍ରୀଡ଼ାରେ ପଦକ ଜିତି ଫେରିଲେ ଶିଶୁଭବନର ୨ ଅନ୍ତେବାସୀ

### ସମ୍ବର୍ଦ୍ଧିତ କଲେ ଜିଲାପାଳ


ଜିଲାପାଳ, ଡିସିପିଓଙ୍କ ସହ ୨ କୃତୀ ଖେଳାଳି।

ଜୟପୁର,୨୪।୧୨(ଡି.ଏନ୍.ଏ.)

ଜୟପୁର ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ସରକାରୀ ଶିଶୁ ଭବନର ଦୁଇଜଣ ଅନ୍ତେବାସୀ ଦିଲ୍ଲୀରେ ଆୟୋଜିତ ଜାତୀୟସ୍ତରର କ୍ରୀଡ଼ା ପ୍ରତିଯୋଗିତା 'ହୌସଲା-୨୦୧୯'ରେ ଉଲ୍ଲେଖନୀୟ ସଫଳତା ପାଇଛନ୍ତି। ସେମାନେ ହେଲେ ଗୋପାଳ ତଙ୍ଗତ ଓ ସନ୍ତୋଷ ଦିସାରୀ। ଗୋପାଳ ଲଙ୍ଗଜମ୍ପରେ ସ୍ୱର୍ଣ୍ଣ ପଦକ ଓ ସନ୍ତୋଷ ୨୦୦ ମିଟର ଦୌଡ଼ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ଉଭୟ ଗତ ବର୍ଷ ମଧ ଜାତୀୟସ୍ତର ପ୍ରତିଯୋଗିତାରେ ପଦକ ଜିତିଥିଲେ। ଗୋପାଳ ଆମ୍ବାଗୁଡ଼ା ସରକାରୀ ଆଇଟିଆଇର ଛାତ୍ର ଏବଂ ସନ୍ତୋଷ ସ୍ଥାନୀୟ ବିକ୍ରମଦେବ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁକ୍ତ ୩ ଶ୍ରେଣୀରେ ପଢୁଛନ୍ତି। ଦିଲ୍ଲୀରୁ ଫେରିବା ପରେ ମଙ୍ଗଳବାର ଜିଲାପାଳ ମଧୁସୂଦନ ମିଶ୍ର କୋରାପୁଟରେ ସେମାନଙ୍କୁ ସମ୍ମାନିତ କରିଛନ୍ତି। ସେମାନଙ୍କୁ ଆବଶ୍ୟକ ସହଯୋଗ କରିବା ଏବଂ ମାନସିକ ଓ ଶାରୀରିକ ସ୍ତରରେ ସୁସ୍ଥ ରଖିବା ପାଇଁ ବ୍ୟବସ୍ଥା ରିବାକୁ ଉପସ୍ଥିତ ଶିଶୁ ସୁରକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ। ଏହି ଅବସରରେ ଶିଶୁ ସୁରକ୍ଷା ଅଧିକାରୀ ରାଜଶ୍ରୀ ଦାସ ଓ କର୍ମୀ ଲିଙ୍ଗରାଜ ପ୍ରଧାନ ଉପସ୍ଥିତ ଥିଲେ।

■ କୋଷାଗୁମୁଡ଼ା ନାବାଳିକା ଗଣବଳାତ୍କାର, ହତ୍ୟା ଘଟଣା

## ଅଭିଯୁକ୍ତଙ୍କ ଗିରଫ ଦାବିକଲା ସିପିଆଇ

ଜୟପୁର,୨୪।୧୨(ନି.ପ୍ର.)

ଜୟପୁରସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ ପ୍ରତିମୂର୍ତ୍ତି ନିକଟରେ ମଙ୍ଗଳବାର ବିକ୍ଷୋଭ ପ୍ରଦର୍ଶନ କରିଛି କୋରାପୁଟ ଜିଲା ସିପିଆଇ। ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ଅଞ୍ଚଳର ଜଣେ ନାବାଳିକାଙ୍କୁ ଗଣବଳାତ୍କାର ଓ ହତ୍ୟା ଘଟଣାରେ ଅଭିଯୁକ୍ତଙ୍କୁ ଗିରଫ କରିବା ପାଇଁ ଦଳ ଦାବି କରିଛି। ଘଟଣାର ୧୦ ଦିନ ପରେ ମଧ ପୋଲିସ ନିରବ ରହିଥିବାରୁ ସିପିଆଇ ଏନେଇ ଉଦ୍‌ବେଗ ପ୍ରକାଶ କରିଛି। ଜିଲା ସମ୍ପାଦକ ଯୁଧିଷ୍ଠିର ରାଉଳଙ୍କ ନେତୃତ୍ୱରେ ଏହି ବିକ୍ଷୋଭ କରାଯାଇଥିଲା। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଛି ଦଳ। ଏହି ବିକ୍ଷୋଭରେ ପ୍ରମୋଦ ମହାନ୍ତି, ରାମକୃଷ୍ଣ ଦାସ, କେଶବ ନାଗ, ସୁଦର୍ଶନ ବିଷୋଇ, ନନ୍ଦ ହରିଜନ, ସୁନ୍ଦର ନାଗ ଉପସ୍ଥିତ ଥିଲେ।



ସିପିଆଇର ବିକ୍ଷୋଭ ଶୋଭାଯାତ୍ରା।

## ଖ୍ରୀଷ୍ଟିଆନ ୟୁଥ୍ ପକ୍ଷରୁ ଖ୍ରୀଷ୍ଟମାସ ଶୋଭାଯାତ୍ରା

ଦାମନଯୋଡ଼ି,୨୪।୧୨(ଡି.ଏନ୍.ଏ.) କୋରାପୁଟ ଜିଲା ଭେଜାପୁଟରେ ଖ୍ରୀଷ୍ଟିଆନ ୟୁଥ୍ ଆସୋସିଏଶନ ପକ୍ଷରୁ ଖ୍ରୀଷ୍ଟମାସ ଶୋଭାଯାତ୍ରା ସହର ପରିକ୍ରମା କରିଛି। ଏହି ଶୋଭାଯାତ୍ରାକୁ ଆୟୋଜନ କରିଥିଲେ ଲବଶ୍ରୀ ହରିଆ, ସୁରେଶ, ତପନ ତୁରୁକ, ନିକୁ ଓ ରମେଶ। ସହଯୋଗ କରିଥିଲେ ରଜତ ବାଘ, ଖଗପତି ଗଣ୍ଡ, ଜଗତ ହିଆଲ, ଜୁଲିୟସ ସୁନା। ବକ୍ତବ୍ୟ ରଖିଥିଲେ ଯୀଶୁଦାନ ଖରା, ସୁନୀଲ କ୍ଷେତ୍ରିୟ, ଅନନ୍ତ ବାଗ, ବିଧାନ। ଶୋଭାଯାତ୍ରା ମାଧ୍ୟମରେ ଅଞ୍ଚଳରେ ଶାନ୍ତି, ସୌହାର୍ଦ୍ଦ୍ୟ, ଭାଇଚାରା ବଜାୟ ରଖିବାର ବାର୍ତ୍ତା ସହ ସହ ନବବର୍ଷର ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।


ଭେଜାପୁଟରେ ଖ୍ରୀଷ୍ଟମାସ ଶୋଭାଯାତ୍ରା ସହର ପରିକ୍ରମା କରୁଛି।

# ମାଟିରେ ମିଶିଲାଣି ପର୍ଯ୍ୟଟନ ଶିରୀ

### ଅପରକୋଲାବ
- ■ଅବହେଳିତ ଅବସ୍ଥାରେ ଡ୍ୟାମ୍ ପରିସର
- ■ବୋଟ୍ ହାଉସ, ବିଜ୍ଞାନ ଉଦ୍ୟାନ ନଷ୍ଟ
- ■ଘାସବୁଦାରେ ପୂରିଲାଣି ବଣଭୋଜି ସ୍ଥଳ



ବିପର୍ଯ୍ୟସ୍ତ ଅବସ୍ଥାରେ ପ୍ରତିମୂର୍ତ୍ତି ଓ ଏହା ଚାରିପାଖ। ଉଦ୍ୟାନରେ ମନୋରଞ୍ଜନ ଭିତ୍ତିଭୂମି ନଷ୍ଟ ହେବା ସହ ଚାରିଆଡ଼େ ବୁଦା ଜମିଗଲାଣି।

କୋଲାବନଗର,୨୪।୧୨(ଡି.ଏନ୍.ଏ.)

କୋରାପୁଟ ଜିଲାରେ ଥିବା ଅପରକୋଲାବ ଯୋଜନା ଅଧୀନ ଡ୍ୟାମ୍ ଅଞ୍ଚଳଟି ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଏହି ସ୍ଥାନକୁ ଏକ ସୁରମ୍ୟ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଇଂ ବିଧାନ ଚନ୍ଦ୍ର ବେହେରା, ତତ୍କାଳୀନ କୋରାପୁଟ ଜିଲାପାଳ ରାଜେଶ ପ୍ରଭାକର ପାଟିଲଙ୍କ ଉଦ୍ୟମ ଯୋଗୁ ନିର୍ମାଣ ହୋଇଥିଲା ବିଜୁ ପଟ୍ଟନାୟକ ଟୁରିଷ୍ଟ କମ୍ପ୍ଲେକ୍ସ। ତିଆରି ହୋଇଥିଲା ବୋଟ୍ ହାଉସ ଓ ପର୍ଯ୍ୟଟକଙ୍କ ପାଇଁ ନୌବିହାର। ଶିଶୁଙ୍କ ପାଇଁ ଶିଶୁଉଦ୍ୟାନ ଓ ସେଥିରେ ରହିଥିଲା ବିଭିନ୍ନ ମନୋରଞ୍ଜନ ଓ ଖେଳ ବ୍ୟବସ୍ଥା। ପିଲାଙ୍କ ଭିତରେ ଜ୍ଞାନ ପ୍ରତି ଜିଜ୍ଞାସା ବଢ଼ାଇବା ପାଇଁ ନିର୍ମିତ ହୋଇଥିଲା ବିଜ୍ଞାନ ପାର୍କ। ୧୯ ଏପ୍ରିଲ ୨୦୧୧ରେ ଏହାର ଉଦ୍‌ଘାଟନ କରିଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

ଇତିମଧ୍ୟରେ ୯ଟି ବର୍ଷ ଅତିବାହିତ ହେବାକୁ ବସିଲାଣି। ପର୍ଯ୍ୟଟନର ଏହିସବୁ ଭିତ୍ତିଭୂମି ବିକଶିତ ଓ ଲୋକପ୍ରିୟ ହେବା ବଦଳରେ ଏବେ ଅବକ୍ଷୟମୁଖୀ ପାଲଟିଛି। ଯୋଜନା ମୁଖ୍ୟ ବନ୍ଧ କାର୍ଯ୍ୟନିର୍ବାହୀ ଖଣ୍ଡ ଉପରେ ଏହାର ରକ୍ଷଣାବେକ୍ଷଣ ଦାୟିତ୍ୱ ନ୍ୟସ୍ତ କରାଯାଇଥିଲା। କିନ୍ତୁ ବିଭାଗୀୟ ଡେପୁଟି ନିର୍ବାହୀ ଯନ୍ତ୍ରୀ ନିଜ କାର୍ଯ୍ୟାଳୟରେ କାଗଜପତ୍ର କାମ ବ୍ୟତୀତ ଏଥିପ୍ରତି ଧ୍ୟାନ ନ ଦେବା ଅଭିଯୋଗ ହୋଇଆସୁଛି। ଏ ବାବଦରେ ତାଙ୍କୁ ପଚରାଯିବାରେ ହଁ ସବୁ ହୋଇଯିବ ବୋଲି କହୁଛନ୍ତି। ଶିଶୁ ଉଦ୍ୟାନକୁ ବାଦ୍‌ଦେଲେ ବୋଟ୍ ହାଉସ ଓ ବିଜ୍ଞାନ ଉଦ୍ୟାନଟି ମାଟିରେ ମିଶିଲାଣି। ୨୦୧୭ରେ ପର୍ଯ୍ୟଟକଙ୍କ ପାଇଁ ୮ ଲକ୍ଷ ଟଙ୍କା ବିନିଯୋଗରେ ବଣଭୋଜି ସ୍ଥାନଟି ନିର୍ମାଣ କରାଯାଇଥିଲା। ତାହା ଘାସବୁଦାରେ ପୂରିଲାଣି। ଡିସେମ୍ବରରେ ଏଠାକୁ ଆନ୍ଧ୍ର, ଛତିଶଗଡ଼, ମଧ୍ୟପ୍ରଦେଶ ଓ ଓଡ଼ିଶାର ପର୍ଯ୍ୟଟକମାନେ ବହୁସଂଖ୍ୟାରେ ଆସନ୍ତି। ଟିକେଟ୍ ବାବଦରେ ସେମାନଙ୍କଠାରୁ ପ୍ରତିବର୍ଷ ବିପୁଳ ଅର୍ଥ ଆଦାୟ ହେଉଛି। ଅଥଚ ଉଦ୍ୟାନରେ ଥିବା ପ୍ରତିମୂର୍ତ୍ତିରେ ରଙ୍ଗ ଟିକେ ଲାଗୁନି। ସୁଦୀର୍ଘ ଡ୍ୟାମ୍‌ଟି ଅବହେଳିତ ଅବସ୍ଥାରେ। ପୁଷ୍ପ ଉଦ୍ୟାନ କଥା ନ କହିବା ଭଲ। ବିଭାଗୀୟ ଆନ୍ତରିକତାର ଅଭାବ ପାଇଁ ସୁନ୍ଦର ପର୍ଯ୍ୟଟନସ୍ଥଳୀ ମାଟିରେ ମିଶିଯିବାକୁ ବସିଛି। ଜିଲାପାଳ ଏ ଦିଗରେ ପଦକ୍ଷେପ ନେବାକୁ ଦାବି ହୋଇଛି।

DHARITRI

www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବ୍ରହ୍ମପୁର, ବୁଧବାର, ଡିସେମ୍ବର ୨୫/୨୦୧୯ Berhampur, Wednesday, December 25/2019

## ସଂକ୍ଷେପରେ

### ଚୋରି ଅଭିଯୋଗରେ ୨ ଯୁବକ ଗିରଫ

**ପାଟଣା,୨୪।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ଥାନା ଗଣ୍ଡବେଡା ଗ୍ରାମରୁ ଡିଜେ ମେସିନ ଚୋରି କରିଥିବା ଅଭିଯୋଗରେ ଦୁଇ ଯୁବକଙ୍କୁ ପାଟଣା ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଦୁଇ ଯୁବକ ହେଲେ ଗୋରାଣ୍ଡି ଯୋଡି ଗ୍ରାମର କୁନା ବେହେରା ଓ ସାଗର ବେହେରା। ସୂଚନା ଅନୁଯାୟୀ ସୋମବାର ବିଳମ୍ବିତ ରାତିରେ ଏହି ଦୁଇ ଯୁବକ ତପନ ନାଏକଙ୍କ ଘରର ଟାଇଲ ଭାଙ୍ଗି ଡିଜେ ମେସିନ ଚୋରି କରୁଥିବା ବେଳେ ଶବ୍ଦ ଶୁଣି ତପନ ଉଠି ଗ୍ରାମବାସୀଙ୍କୁ ଡାକ ପକାଇଥିଲେ। ଗ୍ରାମବାସୀ ପହଞ୍ଚି ଦୁଇ ଜଣଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପାଟଣା ଥାନା ଏଏସଆଇ ସୁରେନ୍ଦ୍ରନାଥ ବିଶୋଇ ଘଟଣା ସ୍ଥଳରେ ପହଞ୍ଚି ଚୋରି ସାମଗ୍ରୀ ଜବତ କରିବା ସହ ଚୋରି ପାଇଁ ବ୍ୟବହୃତ ହୋଇଥିବା ଏକ ବାଇକ୍‌କୁ ଜବତ କରିବା ସହ ଦୁଇଜଣଙ୍କୁ ଗିରଫ କରିଛନ୍ତି। ପାଟଣା ଥାନାରେ ଏକ ମାମଲା (ନଂ.୨୧୨/୧୯) ରୁଜୁ ହୋଇଛି।

### ରୋଷେଇ ନିଆଁରୁ ଅଗ୍ନିକାଣ୍ଡ, ୩ ବଖରା ଜଳିଗଲା

**ଖଇରା,୨୪।୧୨(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ପାଇକ ସାହି ଗ୍ରାମରେ ମଙ୍ଗଳବାର ଅଗ୍ନିକାଣ୍ଡ ଘଟି କପିଳ ଗିରିଙ୍କର ୩ ବଖରା ଜଳିଯାଇଛି। କପିଳଙ୍କ ଝିଅ ଚଞ୍ଚଳା ଗିରି ରୋଷେଇ କରୁଥିବା ବେଳେ ଏହି ନିଆଁ ଲାଗିଯାଇଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବା ସହିତ ଖଇରା ଦମକଳ ବହିନୀକୁ ଖବର ଦେଇଥିଲେ। ଖବର ପାଇ ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡରେ ଘରର ସବୁ ଆସବାବପତ୍ର ସହିତ ନଗଦ ୧୫ ହଜାର ଟଙ୍କା ପୋଡିଯାଇଛି। ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ପାଇଁ ସାଧାରଣରେ ଦାବି ହେଉଛି।

# ‘ଗୋନାସିକା’ ମହୋତ୍ସବରେ ବିକାଶର ବାର୍ତ୍ତା

**କେନ୍ଦୁଝର, ୨୪।୧୨(ଡି.ଏନ୍.ଏ.)**


ଗୋନାସିକା ମହୋତ୍ସବରେ ଉପସ୍ଥିତ ମନ୍ତ୍ରୀ ପ୍ରେମାନନ୍ଦ ନାୟକଙ୍କ ସହ ଅନ୍ୟମାନେ।

- ଉଦ୍‌ଯାପନ ମହୋତ୍ସବରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ
- ୨୬ ପର୍ଯ୍ୟନ୍ତ ଚାଲିବ ପଲ୍ଲିଶ୍ରୀ ମେଳା

କେନ୍ଦୁଝର କାଳୀପଡିଆଠାରେ ‘ଗୋନାସିକା କେନ୍ଦୁଝର ମହୋତ୍ସବ’ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଛି। ମେଳା ପରିସରରେ ଅନୁଷ୍ଠିତ ‘ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା-୨୦୧୯’ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଭିନ୍ନ ଅଞ୍ଚଳରୁ ଆସିଥିବା ଶିଳ୍ପୀ ଓ କଳାକାରଙ୍କ ମଧ୍ୟରେ ଭାବ ବିନିମୟ ସାଙ୍ଗକୁ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କ ମନ ମୋହିଥିଲା। ବିକାଶର ବାର୍ତ୍ତା ଦେଇ ଆୟୋଜିତ ଏହି ସମାରୋହର ଉଦ୍‌ଯାପନୀ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ ଜିଲାପାଳ ଆଶିଷ ଥାକ୍‌ରେ। ଓଡିଶା ସରକାରଙ୍କ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ପ୍ରେମାନନ୍ଦ ନାୟକ ମୁଖ୍ୟଅତିଥି ଭାବରେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କଳା, ସଂସ୍କୃତି, ବୈଶିଷ୍ଟ୍ୟ ଉପରେ ଆଲୋକପାତ କରି ଜିଲାର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଅଧିବାସୀମାନଙ୍କର ସାମଗ୍ରିକ ବିକାଶ ଉପରେ ଗୁରୁତ୍ୱ ଦେଇଥିଲେ। କେନ୍ଦୁଝର ସଦର ବିଧାୟକ ମୋହନ ଚରଣ ମାଝୀ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ କହିଥିଲେ, ଗୋନାସିକା-କେନ୍ଦୁଝର ମହୋତ୍ସବ ଜିଲାର କଳା, ସାହିତ୍ୟ, ସଂସ୍କୃତି ଓ ବିକାଶର ଦର୍ପଣ ସ୍ୱରୂପ। ଆଗାମୀ ଦିନରେ ଏହାକୁ ଅଧିକ ବ୍ୟାପକ କରିବାଲାଗି ଉଦ୍ୟମ କରାଯିବ। ଅନ୍ୟତମ ସମ୍ମାନୀତ ଅତିଥି ଭାବେ ଚମ୍ପୁଆ ବିଧାୟକ ମିନାକ୍ଷୀ ମହାନ୍ତ ଏଭଳି ମହୋତ୍ସବ କଳାକାରମାନଙ୍କୁ ଉତ୍ସାହ ପ୍ରଦାନ କରିଛି ବୋଲି କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର ପ୍ରାରମ୍ଭିକ ଭାଷଣ ଦେଇଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଉଦ୍ଧବ ଚନ୍ଦ୍ର ମାଝୀ ତାଙ୍କ ବକ୍ତବ୍ୟରେ ଜାତୀୟସ୍ତରୀୟ ପଲ୍ଲିଶ୍ରୀ ମେଳା ପାଇଁ ଯେଉଁ ଲକ୍ଷ୍ୟଧାର୍ଯ୍ୟ ହୋଇଥିଲା ତାହା ସଫଳ ହୋଇଥିବା ଦର୍ଶାଇଥିଲେ। ସ୍ଥାନୀୟ,ଜାତୀୟ ଓ ପ୍ରାଦେଶିକ ଶିଳ୍ପୀମାନେ ମହୋତ୍ସବରେ ଯୋଗଦେଇ ଏହାକୁ ସଫଳ କରିଥିବାରୁ ସେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ ଉଦ୍‌ଯାପନୀ ଉତ୍ସବର କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଓଡିଶାର ଲବ୍ଧ ପ୍ରତିଷ୍ଠିତ କଣ୍ଠଶିଳ୍ପୀ ସତ୍ୟଜିତ ପ୍ରଧାନ, ଅନ୍ତରା ଚକ୍ରବର୍ତ୍ତୀ ଓ ଟି. ସୌରୀଙ୍କ ଦଳ ଚିତ୍ତାକର୍ଷକ ସଂଗୀତ ପରିବେଷଣ କରିଥିଲେ। ଉଦ୍‌ଯାପନୀ ଉତ୍ସବ ପୂର୍ବରୁ ଭୁବନେଶ୍ୱରର ରୁଦ୍ରାକ୍ଷ ତରଫରୁ ଓଡିଶୀ, ଗୁରୁ ମାଗୁଣୀ ଚରଣ କୁଅଁରଙ୍କ ପକ୍ଷରୁ କଣ୍ଢେଇ ନୃତ୍ୟ,ବଡବିଲ ରୁଦ୍ରାକ୍ଷ ନୃତ୍ୟ ଏକାଡେମୀ, ଶିରିଷପାଳର ସାନ୍ତାଳୀ ଏବଂ ମୁଣ୍ଡା ନୃତ୍ୟ,ଅନନ୍ୟା ନୃତ୍ୟ ଏକାଡେମୀ, ମୟୁର ନୃତ୍ୟ ଅନୁଷ୍ଠାନ ଏବଂ ଶ୍ରୀକ୍ରୀଷ୍ଣା କୁରୁକ୍ଷେତ୍ର ଫାଉଣ୍ଡେସନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ପଞ୍ଚମ ସନ୍ଧ୍ୟାରେ ଆୟୋଜିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ। ପ୍ରଶାନ୍ତ କୁମାର ପଲେଇ ଓ ଉପସ୍ଥାପିକା ବିଜ୍ଞାନଦର୍ଶିନୀ ନନ୍ଦ।

# ତାଲା ପକାଇଲେ ଚାଷୀ, ଧାନକିଣା ବନ୍ଦ

**ଭଦ୍ରକ ଅଫିସ, ୨୪।୧୨**

ଭଦ୍ରକ ବ୍ଲକ ବ୍ରହ୍ମପୁର ସେବା ସମବାୟ ସମିତିରେ ମଙ୍ଗଳବାର ଚାଷୀମାନେ ତାଲା ପକାଇ ଆନ୍ଦୋଳନ କରିଥିଲେ। ଫଳରେ ସେଠାରେ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇପାରି ନ ଥିଲା। ମଣ୍ଡି ଖୋଲିବାକୁ ଯାଇଥିବା ଜିଲା ଯୋଗାଣ ଅଧିକାରୀ ମିର୍ ରାଜ ଅଲ୍ଲୀ ଓ ଅନ୍ୟ କର୍ମକର୍ତ୍ତା ବାଧ ହୋଇ ଫେରିଆସିଥିଲେ।

ଆନ୍ଦୋଳନକାରୀ ଚାଷୀ ଦର୍ଶାଇଥିଲେ ଯେ ଉକ୍ତ ସେବା ସମବାୟ ସମିତି ମାଧ୍ୟମରେ ବେନ୍ତାଳ, କେଦାରପୁର ଓ ବ୍ରହ୍ମପୁରର ୮୧୪ ଜଣ ଚାଷୀ ଧାନ ବିକିବା ପାଇଁ ନାମ ପଞ୍ଜୀକରଣ କରିଛନ୍ତି। ଆଗ ପଞ୍ଜୀକୃତ ହୋଇଥିବା ଚାଷୀଙ୍କୁ ଅଗ୍ରାଧିକାର ନ ଦେଇ ପରେ ପଞ୍ଜୀକୃତ ହୋଇଥିବା ଚାଷୀଙ୍କୁ ଧାନ ବିକିବା ସକାଶେ ଟୋକନ ଦିଆଯାଇଥିବାରୁ ଏ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଟୋକନ ପ୍ରଦାନରେ ଅନିୟମିତତାକୁ ବିରୋଧ କରି ଚାଷୀମାନେ ସେଠାରେ ଯୋଗାଣ ଅଧିକାରୀଙ୍କ ସମେତ ଅନ୍ୟ କର୍ମକର୍ତ୍ତାଙ୍କୁ ଘେରାଉ କରି ରଖିଥିଲେ। ଏହାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି କହି ଯୋଗାଣ ଅଧିକାରୀ ସେଠାରୁ ଫେରି ଆସିଥିଲେ।


ସମବାୟ ସମିତି ସମ୍ମୁଖରେ ଚାଷୀଙ୍କ ପ୍ରତିବାଦ।


ଏକ ଔଷଧ ଦୋକାନରେ ଚଢ଼ାଉ କରାଯାଇଛି।

# ଔଷଧ ଦୋକାନରେ ଚଢ଼ାଉ

**ରୂପ୍‌ସା, ୨୪।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶକ୍ରମେ ଡ୍ରଗ୍ସ ଓ ଅବକାରୀ ବିଭାଗ ମିଳିତ ଆନୁକୂଲ୍ୟରେ ସୋମବାର ସଦର ଓ ବସ୍ତା ବ୍ଲକ ଅଞ୍ଚଳରେ ୧୦ଟି ଔଷଧ ଦୋକାନରେ ଅଚାନକ ଚଢ଼ାଉ କରାଯାଇଛି। ଜିଲା ଡ୍ରଗ୍ସ ଇନ୍ସପେକ୍ଟର ଜ୍ଞାନନ୍ଦା ଶୁଭଦର୍ଶିନୀ ନନ୍ଦ, ବସ୍ତା ଅବକାରୀ ଥାନାଧିକାରୀ ଆନ୍‌ପା ମାରାଣ୍ଡି ସଦଳବଳେ ସାର୍ଥା, ଦରଡ଼ା ଓ ଗାନ୍ଧୀ ଛକସ୍ଥିତ ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରିଥିଲେ। ଦୋକାନ ରେକର୍ଡ଼ପତ୍ର, କାଗଜପତ୍ର ଓ ବିଭିନ୍ନ ଔଷଧର ନମୁନା ଯାଞ୍ଚ କରିଥିଲେ। ଚଢ଼ାଉ ଖବର ପାଇ ସମସ୍ତ ଔଷଧ ଦୋକାନୀ ଛାନିଆ ହୋଇ ଦୋକାନ ସବୁ ବନ୍ଦ କରିଥିବା ଦେଖିବାକୁ ମିଳିଥିଲା। ଜବତ ଔଷଧ ସବୁର ନମୁନା ଯାଞ୍ଚ କରାଯିବା ପରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଇନ୍ସପେକ୍ଟର ନନ୍ଦ ସୂଚନା ଦେଇଛନ୍ତି।

# ଚୋରଙ୍କୁ କାବୁ କରି ପୋଲିସ ଜିମା

**ଖଇରା, ୨୪।୧୨(ଡି.ଏନ.ଏ.):** ଖଇରା ଥାନା କୁରୁଣ୍ଟା ବଜାରରେ ଲଗାତାର ଚୋରି ଘଟଣାରେ ସମ୍ପୃକ୍ତ ଚୋର ଧରିବାରେ ପୋଲିସ ବିଫଳ ହେବା ପରେ ଗ୍ରାମବାସୀ ସୋମବାର ରାତିରେ ସେମାନଙ୍କୁ ଧରିବାରେ ସଫଳ ହୋଇଛନ୍ତି। ଧରା ପଡ଼ିଥିବା ଚୋରଙ୍କ ମଧ୍ୟରେ ଜଣେ ପୋଲିସ କର୍ମଚାରୀ ଧରାପଡ଼ିବା ଘଟଣା ସମ୍ପୃକ୍ତ ଅଞ୍ଚଳରେ ଚର୍ଚ୍ଚା ହେଉଛି। ଚୋରମାନେ ହେଲେ ସେହି ଗ୍ରାମର ସାମ ସୋରେନ(୩୦), ଚନ୍ଦରୁ ମାରାଣ୍ଡି (୪୦), ବାସୁଦେବପୁର ଗ୍ରାମର ଲକ୍ଷ୍ମୀଧର ଜେନା, ବୁଦ୍ଧିରାମ କିସ୍କୁ(୪୩), ରମେଶ ମାରାଣ୍ଡି (୨୦)। ଅନ୍ୟତମ ଅଭିଯୁକ୍ତ ଉଦ୍ଧବ ଜେନା ଗ୍ରାମବାସୀଙ୍କ କବଳରୁ ଖସି ପଳାଇଥିଲେ। ପ୍ରକାଶ ଯେ କୁରୁଣ୍ଟା ଅଞ୍ଚଳରୁ ପୂର୍ବରୁ ବହୁ ଚୋରି ଘଟଣା ଘଟିଯାଇଥିବା ବେଳେ ପୁନଶ୍ଚ ୨୨ ତାରିଖରେ ମଲ୍ଲି ପୃଷ୍ଟିଙ୍କ ଘରୁ ଚୋରି ଘଟଣାରେ ମଧ୍ୟ ପୋଲିସ କେବଳ ଏକ ମାମଲା(ନଂ.୨୮୩/୧୯)ରୁଜୁ କରି ଚୁପ ରହିଥିଲା। ଅଞ୍ଚଳବାସୀ ଓ ବ୍ୟବସାୟୀମାନେ ମିଳିତ ଭାବେ ଚୋରଙ୍କୁ ଧରିବାର ଯୋଜନା କରିଥିଲେ। ସୋମବାର ରାତିରେ ବ୍ୟବସାୟୀମାନେ ଦୋକାନ ବନ୍ଦ କରି ଘରକୁ ଯିବା ପରେ ଚୋରମାନେ ବଜାରରେ ଚୋରି କରୁଥିବା ବେଳେ ଗ୍ରାମବାସୀ ଓ ଦୋକାନୀମାନେ ଚୋରଙ୍କୁ କାବୁ କରିଥିଲେ। ପୋଲିସ ପହଞ୍ଚି ଚୋରମାନଙ୍କୁ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରି ଥାନାକୁ ଆଣିବା ସହିତ ଖଇରା ମେଡିକାଲରେ ଚିକିତ୍ସା କରାଇଥିଲେ। ଧରାପଡିଥିବା ଲକ୍ଷ୍ମୀଧର ଜେନା ଖଇରା ଥାନାର ଗ୍ରାମରକ୍ଷୀ ଭାବେ କାର୍ଯ୍ୟ କରନ୍ତି।




# ଆଧାରକେନ୍ଦ୍ରରେ ତୁମୁଳକାଣ୍ଡ

- କର୍ମଚାରୀଙ୍କୁ ମାଡ଼ ମାରି ଯୁବକ ଫେରାର
- ଥାନାରେ ମାମଲା, ପୋଲିସର ତଦନ୍ତ ଆରମ୍ଭ

**ବାଲେଶ୍ୱର ଅଫିସ,୨୪।୧୨**


ଗଣ୍ଡଗୋଳ ପରେ ଆଧାରକେନ୍ଦ୍ର ସମ୍ମୁଖରେ ପୋଲିସ୍ ଓ ହିତାଧିକାରୀ।

ନୂତନ ଆଧାର କାର୍ଡ କରିବାର ବିଳମ୍ବ ହେବାରୁ ବାଲେଶ୍ୱର ଜିଲାପାଳ ଅଫିସ୍ ପରିସର ସରକାରୀ ଗୃହରେ ଓକାକ୍ ଦ୍ୱାରା ଅନୁମୋଦିତ ଆଧାରକେନ୍ଦ୍ରରେ ତୁମୁଳକାଣ୍ଡ ଘଟିଛି। କର୍ମଚାରୀଙ୍କ ସହ ଜଣେ ଯୁବକ ପାଟିତୁଣ୍ଡ କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଯୁବକ ଜଣକ କର୍ମଚାରୀଙ୍କ ସମେତ କେନ୍ଦ୍ରକୁ ଆସିଥିବା କେତେକ ହିତାଧିକାରୀଙ୍କୁମଧ୍ୟ ମାରପିଟ୍‌କରିଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସହଦେବଖୁଣ୍ଟା ମଡ଼େଲ ଥାନା ପୋଲିସ ପହଞ୍ଚି ଅଭିଯୋଗକୁ ଆଧାର କରି ତଦନ୍ତ ଆରମ୍ଭ କରିଛି।

ଆଧାର କେନ୍ଦ୍ରରେ ସୁପରଭାଇଜର ରିଫତ ଆମେରା ଫିରଦୋସ୍ ଏବଂ କମ୍ପ୍ୟୁଟର ଅପରେଟର ଦୀନବନ୍ଧୁ ଦାସ କାର୍ଯ୍ୟ କରୁଥିଲେ। ଟାଉନ ଥାନା ଅଧୀନ ମୋତିଗଞ୍ଜ ଅଞ୍ଚଳର ରବି ବେହେରା (୨୮) ନୂତନ ଆଧାରକାର୍ଡ଼ ପାଇଁ ପହଞ୍ଚିଥିଲେ। ପୂର୍ବରୁ ହୋଇଥିବା ପଞ୍ଜୀକରଣ ନାମ ଅନୁସାରେ କେନ୍ଦ୍ରର କର୍ମଚାରୀମାନେ ଆଧାରକାର୍ଡ଼ ପାଇଁ ଅନଲାଇନ୍‌ରେ କାର୍ଯ୍ୟ କରୁଥିବା ବେଳେ ରବି ପ୍ରଥମେ କରିବା ପାଇଁ କର୍ମଚାରୀଙ୍କୁ କହିଥିଲେ। ସେମାନେ ଏହାକୁ ମନା କରିବାରୁ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ରବି ସେମାନଙ୍କୁ ଅକଥନୀୟ ଭାଷାରେ ଗାଳିଗୁଲଜ କରିଥିଲେ। ଏହାକୁ ପ୍ରତିବାଦ କରିବାରୁ ରବି ଉତ୍‌କ୍ଷିପ୍ତ ହୋଇ ଉଭୟ ମହିଳା ଓ ପୁରୁଷ କର୍ମଚାରୀଙ୍କୁ ମାର୍‌ପିଟ୍ କରିଥିଲେ। ଉପସ୍ଥିତ ଅନ୍ୟ ହିତାଧିକାରୀମାନେ ଏହାର ପ୍ରତିବାଦ କରିବାରୁ ସେମାନେ ମଧ୍ୟ ଛାଡ ପାଇ ନ ଥିଲେ। ପରେ ମହିଳା କର୍ମଚାରୀଙ୍କୁ ଜୀବନରୁ ମାରିଦେବାର ଧମକ ଦେଇ ଘଟଣାସ୍ଥଳରେ ପୋଲିସ ପହଞ୍ଚିବା ପୂର୍ବରୁ ରବି ଫେରାର ହୋଇଯାଇଥିଲେ। ଏନେଇ ସହଦେବଖୁଣ୍ଟା ମଡ଼େଲ ଥାନାରେ ସୁପରଭାଇଜର ରିଫତ ଆମେରା ଫିରଦୋସ୍ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା (ନଂ. ୩୯୯/୧୯) ରୁଜୁ କରାଯାଇଛି। ଏହାର ତଦନ୍ତ କରାଯାଉଥିବା ଇନ୍ସପେକ୍ଟର ବିରଞ୍ଚି ସାହୁ ସୂଚନା ଦେଇଛନ୍ତି।









1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar. Published at 11/2, Industrial Estate, Berhampur, Editor - Tathagata Satpathy, ସମ୍ପାଦକ–ତଥାଗତ ସତପଥୀ